

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଲବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



✦Vol - 21✦ Issue No:155✦28 September 2025 (Sunday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୧୫୫✦୨୮ ସେପ୍ଟେମ୍ବର ୨୦୨୫ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# ପୂର୍ବୋଦୟ ନକ୍ସାରେ ସମୃଦ୍ଧିର ସ୍ୱାକ୍ଷର ଦେଉଛି ଓଡ଼ିଶା :ପ୍ରଧାନମନ୍ତ୍ରୀ

## ଡବଲ ଇଞ୍ଜିନ ସରକାର ଡବଲ ଗତିରେ ଆଗକୁ ବଢୁଛି

## ୫୦ ହଜାର କୋଟିର ପ୍ରକଳ୍ପ ଭେଟି

## ଚିପ୍‌ରୁ ସିପ୍ ପର୍ଯ୍ୟନ୍ତ ଭାରତ ଆତ୍ମନିର୍ଭର

## ପାରାଦୀପରୁ ଝାରସୁଗୁଡା ହେବ ଔଦ୍ୟୋଗୀକ କରିଡର



ଝାରସୁଗୁଡ଼ା,୨୭/୯(ନି/ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗୁଡ଼ାରେ ଭାରତର ଭିତ୍ତିଭୂମି ଏବଂ ଡିଜିଟାଲ୍ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ୬୦ ହଜାର କୋଟି ଟଙ୍କାର ଏକ ପରିବର୍ତ୍ତନକାରୀ ବିକାଶ ପଦକ୍ଷେପ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ 'ନମୋ ଯୁବ ସମାବେଶ' କାର୍ଯ୍ୟକ୍ରମରେ ଟେଲିକମ୍, ରେଲବାଇ, ଶିକ୍ଷା ଏବଂ ଗୃହ ନିର୍ମାଣ କ୍ଷେତ୍ରରେ ପ୍ରକଳ୍ପଗୁଡ଼ିକର ଲୋକାର୍ପଣ କରିଛନ୍ତି। ଏହି ପଦକ୍ଷେପର ଏକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ହେଉଛି ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ନିର୍ମିତ ୯୭,୫୦୦ରୁ ଅଧିକ ଟେଲିକମ୍ ଟାୱାରର କାର୍ଯ୍ୟକ୍ଷମତାରେ ବୃଦ୍ଧି। ଏଥି ପାଇଁ ୩୭,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଟାୱାରଗୁଡ଼ିକ କ୍ଷେତ୍ରରେ ଦୂରଦୂରାନ୍ତ ଏବଂ ଗ୍ରାମାଞ୍ଚଳ, ସୀମାନ୍ତ ଅଞ୍ଚଳ, ମାଓ ପ୍ରଭାବିତ ଜିଲ୍ଲାଗୁଡ଼ିକ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସଂଯୋଗକୁ ନାଟକୀୟ ଭାବରେ ଉନ୍ନତ କରିବ। ଏହି ପଦକ୍ଷେପ ଭାରତର ଡିଜିଟାଲ ଅନ୍ତର୍ଭୁକ୍ତି ଏବଂ ଟେଲିକମ୍ ଭିତ୍ତିଭୂମିରେ ଆତ୍ମନିର୍ଭରଶୀଳତା ପାଇଁ ବ୍ୟାପକ ପ୍ରୟାସର ଏକ ଅଂଶ। ଏହି ଟାୱାରଗୁଡ଼ିକ ୨୬,୭୦୦ ରୁ ଅଧିକ ଗ୍ରାମକୁ ସଂଯୋଗ କରିବ ଏବଂ ୨୦ ଲକ୍ଷରୁ ଅଧିକ ନୂତନ ଗ୍ରାହକଙ୍କୁ ସେବା ଯୋଗାଇବ, ଯାହା ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଇ-ଗଭର୍ଣ୍ଣାନ୍ସ ସେବାର ଉପଲବ୍ଧତାକୁ ବୃଦ୍ଧି କରିବ। ଟେଲିକମ୍ ବ୍ୟତୀତ, ପ୍ରଧାନମନ୍ତ୍ରୀ ମୋଦୀ ଅମୃତ ଭାରତ ଏକ୍ସପ୍ରେସକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ସମ୍ବଲପୁର ସିଟି ଫ୍ଲାଏଓଭର ଇଏସଡିଏମ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆଠଟି ଆଇଆଇଟିର ସମ୍ପ୍ରସାରଣ ଏବଂ ଏକ ଜାତୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି। ଏହି ବୃହତ ବିକାଶ ଅଭିଯାନ ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ, ବିଶେଷକରି ଅନୁନ୍ନତ ଅଞ୍ଚଳକୁ ସେବା ଯୋଗାଇବ ଏବଂ ଏକ ଡିଜିଟାଲ୍ ସଶକ୍ତ ସମାଜ ହେବା ଦିଗରେ ଭାରତର ଯାତ୍ରାକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବୋଦୟ ନକ୍ସାରେ ସମୃଦ୍ଧିର ସ୍ୱାକ୍ଷର ଦେଉଛି ଓଡ଼ିଶା । ଝାରସୁଗୁଡ଼ା ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉନ୍ମୋଚନ କରିଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଓଡ଼ିଶାର ବିକାଶଧାରାରେ ନୂଆ ଅଧ୍ୟାୟ ସୃଷ୍ଟି କରିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ୨ଜି, ୩ଜି ଏବଂ ୪ଜି ପ୍ରଯୁକ୍ତିବିଦ୍ୟାର ବିକାଶରେ ପଛରେ ପଡ଼ିଯାଇଥିଲା ଏବଂ ଏହି କ୍ଷେତ୍ରରେ ବିଦେଶୀ ପ୍ରଯୁକ୍ତିବିଦ୍ୟା ଉପରେ ନିର୍ଭରଶୀଳ ଥିଲା। ଏହାର ସମାଧାନ ପାଇଁ, ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବିକାଶ କରିବାକୁ ନିଷ୍ପତି ନିଆଯାଇଥିଲା। ବିଏସଏନଏଲ ଏବେ ସମ୍ପୂର୍ଣ୍ଣ ସ୍ୱଦେଶୀ ୪ଜି ପ୍ରଯୁକ୍ତିବିଦ୍ୟା ବିକଶିତ କରିଛି, ଯାହା ଭାରତର ଟେଲିକମ୍ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ।ବିଏସଏନଏଲର ସଫଳତା ଭାରତର ଟେଲିକମ୍ କ୍ଷେତ୍ର ପାଇଁ ଏକ ପ୍ରମୁଖ ପଦକ୍ଷେପ। ସାରା ଦେଶରେ ପ୍ରାୟ ୪ ଲକ୍ଷ ୪ଜି ଟାୱାର ସହିତ, ବିଏସଏନଏଲ ଭାରତକୁ ଏକ ବିଶ୍ୱସ୍ତରୀୟ ପ୍ରଯୁକ୍ତିବିଦ୍ୟା ଉତ୍ପାଦନ କେନ୍ଦ୍ର ଭାବରେ ଉଭା ହେବାରେ ସାହାଯ୍ୟ କରୁଛି। ପ୍ରଧାନମନ୍ତ୍ରୀ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ୩୦ ହଜାର ଗ୍ରାମ ଖୁବ୍ ଶୀଘ୍ର ହାଇ-ସ୍ପିଡ୍ ଇଣ୍ଟରନେଟ୍ ସଂଯୋଗ ପାଇବ, ଯାହା ଦେଶବ୍ୟାପୀ ଡିଜିଟାଲ୍ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବ। ପ୍ରଧାନମନ୍ତ୍ରୀ ଓଡ଼ିଶାର ପ୍ରାକୃତିକ ଆଶୀର୍ବାଦକୁ ମଧ୍ୟ ଉଲ୍ଲେଖ କରି କହିଛନ୍ତି ଦଶନ୍ଧି ଧରି ଚାଲିଥିବା କଷ୍ଟ ସହିତ ଶେଷ ହୋଇଛି। ଚଳିତ ଦଶନ୍ଧି ରାଜ୍ୟରେ ସମୃଦ୍ଧି ଆଣିବ ବୋଲି ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସେ ଘୋଷଣା କରିଛନ୍ତି ଯେ, କେନ୍ଦ୍ର ସରକାର ସମ୍ପ୍ରତି ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ଅନୁମୋଦନ କରିଛନ୍ତି । ରାଜ୍ୟରେ ଏକ ସେମିକଣ୍ଡକ୍ଟର ପାର୍କ ନିର୍ମାଣ କରାଯିବ। ଯାହା ଓଡ଼ିଶାର ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟା ଅଭିବୃଦ୍ଧିକୁ ବୃଦ୍ଧି କରିବାରେ ଏକ ପ୍ରମୁଖ ପଦକ୍ଷେପ। ପ୍ରଧାନମନ୍ତ୍ରୀ ବାଣିଜ୍ୟ ଏବଂ ଜାତୀୟ ସୁରକ୍ଷା ପାଇଁ ଜାହାଜ ନିର୍ମାଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ଆଲୋକପାତ କରିଛନ୍ତି ଯେ, ଜାହାଜଗୁଡ଼ିକ ନିରବଚ୍ଛିନ୍ନ ଆମଦାନୀ ଏବଂ ରପ୍ତାନି ସୁନିଶ୍ଚିତ କରି ସଂଘର୍ଷ ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏହି କ୍ଷେତ୍ରକୁ ସୁଦୃଢ଼ ? ?କରିବା ପାଇଁ, ବିଜେପି ନେତୃତ୍ୱାଧୀନ ସରକାର ୭୦,୦୦୦ କୋଟି ଟଙ୍କାର ଏକ ପ୍ୟାକେଜକୁ ଅନୁମୋଦନ କରିଛନ୍ତି, ଯାହା ୪.୫ ଲକ୍ଷ କୋଟି ଟଙ୍କାର ନିବେଶ ଆକର୍ଷିତ କରିବ ବୋଲି ଆଶା କରାଯାଉଛି, ଯାହା ଭାରତର ସାମୁଦ୍ରିକ ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ। ୨୦୧୪ ପୂର୍ବରୁ, କଂଗ୍ରେସ ସରକାର ସମୟରେ ପରିବାରଗୁଡ଼ିକ ବାର୍ଷିକ ୧ ଲକ୍ଷ ଟଙ୍କା ଖର୍ଚ୍ଚ ଉପରେ ପ୍ରାୟ ୨୫,୦୦୦ ଟଙ୍କା ଟିକସ ଦେଉଥିଲେ। ୨୦୧୭ରେ ଜିଏସଟି ପ୍ରଚଳନ ପରେ, ଟିକସ ବୋଝ ଯଥେଷ୍ଟ ହ୍ରାସ ପାଇଥିଲା। ଦ୍ୱିତୀୟ ଜିଏସଟି ସଂସ୍କାର କାର୍ଯ୍ୟକାରୀ ହେବା ସହିତ, ପରିବାରଗୁଡ଼ିକ ବର୍ତ୍ତମାନ ସମାନ ଖର୍ଚ୍ଚ ଉପରେ କେବଳ ୫,୦୦୦ ରୁ ୬,୦୦୦ ଟଙ୍କା ଟିକସ ଦେଉଛନ୍ତି, ଯାହା ନାଗରିକଙ୍କ ଉପରେ ଆର୍ଥିକ ବୋଝ କମ୍ କରୁଛି। ଆଜିର ଏହି ସମାବେଶ, ଯୁବବର୍ଗଙ୍କ ପାଇଁ ସମର୍ପିତ। ବିଶେଷ କରି ୨୦୧୪ ପରେ, ଦେଶର ଯୁବବର୍ଗଙ୍କ ପାଇଁ ପିଏମ୍ ସବୁଠାରୁ ବଡ଼ 'ଆଇକନ୍', ପ୍ରେରଣାର ସ୍ରୋତ। ଦେଶର ବିକାଶ ପାଇଁ ପିଏମ୍ ଯେଉଁ ଚାରି ବର୍ଗଙ୍କ ଉପରେ ଗୁରୁତ୍ୱ ଦେଇଛନ୍ତି, ସେଥିରେ ଯୁବବର୍ଗଙ୍କ ପାଇଁ ଏକ ବିଶେଷ ସ୍ଥାନ ରହିଛି। ଯୁବବର୍ଗଙ୍କ ପାଇଁ ଅନେକ ଯୋଜନା ଆରମ୍ଭ କରିଛନ୍ତି, ଯାହାର ସକାରାତ୍ମକ ପରିଣାମ ଆଜି ସ୍ପଷ୍ଟ ଭାବେ ଦେଖାଯାଉଛି। 'ଅପରେସନ ସିନ୍ଦୁର' ସହିତ ଦେଶର ସୁରକ୍ଷାକୁ ନେଇ ଯେଉଁ 'ଲକ୍ଷ୍ମଣ ରେଖା' ଆଙ୍କିଛନ୍ତି, ସେଥିରେ ଦେଶର ଯୁବବର୍ଗଙ୍କର ମନପ୍ରାଣରେ ଏକ ନୂତନ ଉତ୍ସାହ ଭରି ଦେଇଛି। ଭାରତରେ ଗୋଟିଏ ପ୍ରସିଦ୍ଧ ହିନ୍ଦି ଲୋକକଥା ଅଛି — 'ଛେଡେଙ୍ଗେ ନେହିଁ, ଅଗର କୋଇ ଛେଡେଗା, ତୋ ଛୋଡେଙ୍ଗେ ନେହିଁ'। ପେହଲଗାମର ନରସଂହାର ପରେ, ଶତ୍ରୁ ଦେଶରେ ପ୍ରବେଶ କରି, ଆତଙ୍କବାଦୀ ଏବଂ ସେମାନଙ୍କର ପୃଷ୍ଠପୋଷକଙ୍କୁ ଯେପରି ଦଣ୍ଡ ଦିଆଗଲା, ସେଥିରେ ଦେଶର ସୁରକ୍ଷା ନୀତିର ସବୁ ଦିଗ ସମ୍ପୂର୍ଣ୍ଣ ଭାବେ ବଦଳିଯାଇଛି। ଦେଶକୁ ସୁରକ୍ଷିତ ରଖିଥିବାରୁ, ସମଗ୍ର ଦେଶ ପକ୍ଷରୁ, ଆପଣଙ୍କୁ ଅଶେଷ ଧନ୍ୟବାଦ।

## ଥର୍ ଗାଡି ଦୁର୍ଘଟଣା ; ୫ ଯୁବକ ମୃତ

ନୂଆଦିଲ୍ଲୀ,୨୭/୯ : ଗୁରୁଗାଓଁରେ ଶନିବାର ଭୋର ୪ଟା ସମୟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଏକ ଦ୍ରୁତଗାମୀ ଥର୍ ଗାଡି ହଠାତ୍ ଏକ ଡିଭାଇଡରରେ ଧକ୍କା ହେବା ପରେ ଏଥିରେ ୫ ଜଣ ଯୁବକଙ୍କ ଜୀବନ ଚାଲି ଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଁ ସମସ୍ତ ମୃତଦେହ ଜବତ କରିବା ସହ ଜଣେ ଗୁରୁତର ଆହତଙ୍କୁଉଦ୍ଧାର କରିମେଡିକାଲରେ ଭର୍ତ୍ତି କରାଯାଇଛି । ଗାଡିରେ ସଭିଏଁ ଉତ୍ତରପ୍ରଦେଶର ବାସିନ୍ଦା ବୋଲିପ୍ରାଥମିକ ତଦନ୍ତରୁ ଜଣାପଡିଛି । ଭୋର ସମୟରେ ୯ ନମ୍ବର ଜାତୀୟ ରାଜପଥରେ ଦିଲ୍ଲୀରୁ ରୋହତକ ଯାଉଥିବା ଏକ ଥର୍ ଗାଡି ନିୟନ୍ତ୍ରଣ ହରାଇ ଡିଭାଇଡରରେଫିଟିହୋଇ ଧକ୍କା ହୋଇଥିଲା । ଧକ୍କା ଜୋରରେ ହୋଇଥିବାରୁଗାଡିସମ୍ପୂର୍ଣ୍ଣକ୍ଷତିଗ୍ରସ୍ତ ହୋଇଛି।



# ଖୁବ୍‌ଶୀଘ୍ର ଭାରତ-ରୁଷ୍ ମେଗା ଚୁକ୍ତି



## କୃଷି, ସାର ଭଳି କ୍ଷେତ୍ରରେ ଏକାଠି କାର୍ଯ୍ୟ କରିବେ ଉଭୟ ରାଷ୍ଟ୍ର

ନୂଆଦିଲ୍ଲୀ,୨୭/୯ : ରୁଷ ସହ ଏକ ବଡ଼ ଚୁକ୍ତି କରିବାକୁ ଯାଉଛି ଭାରତ । ଆମେରିକା ସହ ବିବାଦ ମଧ୍ୟରେ ଏହା ଅନେକ ମାତ୍ରାରେ ଗୁରୁତ୍ୱ ବହନ କରୁଛି । କୃଷି ଏବଂ ସାର କ୍ଷେତ୍ରରେ ଏକାଠି କାର୍ଯ୍ୟ କରିବାକୁ ଚିନ୍ତା କରୁଛନ୍ତି ଭାରତ ଏବଂ ରୁଷ । ପ୍ରକ୍ରିୟା ସହ ଜଡ଼ିତ ଜଣେ ବ୍ୟକ୍ତି ଏହି ସୂଚନା ଦେଇଛନ୍ତି । ବ୍ୟକ୍ତିଜଣକ କହିଛନ୍ତି ଯେ, ରୁଷ ସାର ଏବଂ କୃଷି ସହ ଜଡ଼ିତ କ୍ଷେତ୍ରଗୁଡ଼ିକରେ ଏକ ବଡ଼ ଖେଳାଳୀ । ଭାରତ ଏବଂ ରୁଷ ମଧ୍ୟରେ ଏ କ୍ଷେତ୍ରରେ ସହଯୋଗିତା ହେଲେ ଏହା ଉଭୟ ଦେଶ ମଧ୍ୟରେ ସମ୍ପର୍କକୁ ମଜଭୁତ କରିବ । ଏହି ସହଯୋଗିତା କେବଳ କ୍ରୟ ଏବଂ ବିକ୍ରୟ ମଧ୍ୟରେ ସୀମିତ ରହିବ ନାହିଁ । ରୁଷର ଉପ-ପ୍ରଧାନମନ୍ତ୍ରୀ ଦିମିତ୍ରୀ ପାଟ୍ରୁଶେଭ ଭାରତରେ ଆୟୋଜିତ ୱାର୍ଲଡ ଫୁଡ୍ ଇଣ୍ଡିଆ ଏକ୍ସପୋରେ ଭାଗ ନେଇ ଏ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ତାଙ୍କ ସହ ରୁଷ୍‌ର ଏକ ବଡ଼ ପ୍ରତିନିଧିଦଳ ଏଥିରେ ଯୋଗ ଦେଇଛନ୍ତି । ଭାରତରୁ ରୁଷକୁ ଚିଙ୍ଗୁଡି ରପ୍ତାନି ଯୋଜନାକୁ ଆଗକୁ ବଢ଼ାଇବାରେ ଏହି ଆଲୋଚନା ସହାୟକ ହେବ । ପ୍ରକାଶଯୋଗ୍ୟ, ଭାରତରୁ ଆସୁଥିବା ଚିଙ୍ଗୁଡ଼ି ଉପରେ ଆମେରିକା ୫୦% ଟିକସ ଲଗାଇଛି । ଏଭଳି କ୍ଷେତ୍ରରେ ରୁଷ ଭାରତୀୟ ଚିଙ୍ଗୁଡ଼ି ରପ୍ତାନିକାରୀଙ୍କ ପାଇଁ ଉତ୍ତମ ବଜାର ପାଲଟିପାରେ । ଉଭୟ ଦେଶ କୃଷି ଏବଂ ସାର ସମ୍ବନ୍ଧୀୟ କ୍ଷେତ୍ରରେ ଯୌଥ ଉଦ୍ୟୋଗ ସ୍ଥାପନ ଉପରେ ବିଚାର କରୁଥିବା ଜଣାପଡ଼ିଛି । ପ୍ରକାଶଯୋଗ୍ୟ, ଆମେରିକା ଭାରତରୁ ଚିଙ୍ଗୁଡ଼ି କ୍ରୟ କରୁଥିବା ସର୍ବବୃହତ୍ ରାଷ୍ଟ୍ର । ଏଠାକୁ ପ୍ରତିବର୍ଷ ବହୁ କୋଟି ଡଲାରର ଚିଙ୍ଗୁଡ଼ି ଭାରତରୁ ଯାଇଥାଏ । କିନ୍ତୁ ଆମେରିକା ଭାରତ ଉପରେ ଅନେକ ପ୍ରକାର ଶୁଳ୍କ ଲାଗୁ କରିଛି । ଏଥିରେ ଆଣ୍ଟି-ସବ୍‌ସିଡି ଡ୍ୟୁଟି ଏବଂ ଆଣ୍ଟି-ଡମ୍ପିଂ ଡ୍ୟୁଟି ସାମିଲ । ଫଳରେ ଭାରତୀୟ ଚିଙ୍ଗୁଡ଼ି ଉପରେ ମୋଟ ଟିକସ ୫୮%ରୁ ଅଧିକ ହେବା ସମ୍ଭାବନା ରହିଛି । ଫଳରେ ଭାରତୀୟ ଚିଙ୍ଗୁଡ଼ି ରପ୍ତାନିକାରୀ ଇକ୍ୱେଡର, ଇଣ୍ଡୋନେସିଆ, ଭିଏତ୍‌ନାମ ଏବଂ ଚୀନ୍ ଭଳି ଦେଶଗୁଡ଼ିକ ସହ ମୁକାବିଲା କରିପାରିବେ ନାହିଁ । ଉଚ୍ଚ ଟାରିଫ୍ ଯୋଗୁ ଦେଶର ବହୁ କୋଟି ଡଲାରର ରପ୍ତାନି ବ୍ୟାହତ ହୋଇଛି । ସୂତ୍ର ଅନୁସାରେ, ରୁଷର ବଜାର ଭାରତୀୟ ଚିଙ୍ଗୁଡ଼ି ରପ୍ତାନିକାରୀଙ୍କୁ ଆଶ୍ୱସ୍ତି ଦେଇପାରେ । ଯଦିଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ୍ ସହ ଭାରତର ବ୍ୟାପାରକୁ ସମାଲୋଚନା କରିଆସୁଛନ୍ତି ଭାରତ ଏହାକୁ ଖାତିର କରୁନାହିଁ ।

# ବଢ଼ିଲା ମହଙ୍ଗା ଭତା : ଦଶହରା ଭେଟି ଦେଲେ ମୋହନ ସରକାର




ଭୁବନେଶ୍ୱର,୨୭/୯(ନି/ପ୍ର): ବଡ଼ ଘୋଷଣା କଲେ ରାଜ୍ୟ ସରକାର । ରାଜ୍ୟର ସରକାରୀ କ୍ଷେତ୍ର ଉପକ୍ରମ (ପିଏସୟୁ) ର କର୍ମଚାରୀମାନଙ୍କୁ ଆର୍ଥିକ ଆଶ୍ୱସ୍ତି ପ୍ରଦାନ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର ଏକ ବଡ଼ ଘୋଷଣା କରିଛନ୍ତି। ଦୀପାବଳି ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଝଟ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତା (ଡ଼ିଏ) ରେ ୨% ବୃଦ୍ଧିକୁ ଅନୁମୋଦନ କରିଛନ୍ତି। ଏହି ସଦ୍ୟତମ ବୃଦ୍ଧି ୧ ଜାନୁଆରୀ, ୨୦୨୫ ରୁ ଲାଗୁ ହେବ । ଯାହା ଓଡିଶା ଚଝଟ କର୍ମଚାରୀମାନେ ପାଉଥିବା ମୋଟ ମହଙ୍ଗା ଭତ୍ତା (ଡ଼ିଏ) ୫୩% ରୁ ୫୫% କୁ ବୃଦ୍ଧି କରିବ। ରାଜ୍ୟ ସରକାରଙ୍କ ଏହି ନିଷ୍ପତି ଦ୍ୱାରା ପିଏସୟୁ ରେ ନିୟୋଜିତ ଥିବା ପ୍ରାୟ ୮.୫ ଲକ୍ଷ ରାଜ୍ୟ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀ ଲାଭବାନ ହେବେ। କର୍ମଚାରୀମାନେ ଗତ ମାସଗୁଡ଼ିକର ବକେୟା ପାଉଣା ପାଇବା ନିଶ୍ଚିତ କରି ବର୍ଦ୍ଧିତ ଡଇ ଦରମା ସହିତ ନଗଦ ଆକାରରେ ପ୍ରଦାନ କରାଯିବ। ଯାହାକି ରାଜ୍ୟ ସରକାରଙ୍କ ଏକ ବଡ଼ ପଦକ୍ଷେପ । ପୂର୍ବରୁ, ଓଡ଼ିଶା ସରକାର ଅକ୍ଟୋବର ୨୦୨୪ ରେ ସରକାରୀ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା ୩% ବୃଦ୍ଧି ଘୋଷଣା କରିବା ସହ ଡଇ ୫୦ ପ୍ରତିଶତରୁ ୫୩ ପ୍ରତିଶତକୁ ବୃଦ୍ଧି କରିଥିଲେ। ଏହି ସଦ୍ୟତମ ଡଇ ବୃଦ୍ଧି ସହିତ, ରାଜ୍ୟ ସରକାର ବର୍ଦ୍ଧିତ ମୁଦ୍ରାସ୍ଫୀତିର ପ୍ରଭାବକୁ ହ୍ରାସ କରିବା ଏବଂ କର୍ମଚାରୀଙ୍କ କ୍ରୟ ଶକ୍ତି ବୃଦ୍ଧି କରିବା ଲକ୍ଷ୍ୟ ରଖିଛନ୍ତି।ଓଡିଶା ସରକାର ରାଜ୍ୟ ସରକାରଙ୍କ ପେନସନଭୋଗୀଙ୍କ ପାଇଁ ମହଙ୍ଗା ସହାୟତା (ଡ଼ିଏ) ରେ ୨ ପ୍ରତିଶତ ବୃଦ୍ଧି ଘୋଷଣା କରିଛନ୍ତି। ଏହି ପଦକ୍ଷେପକୁ ବିଭିନ୍ନ କର୍ମଚାରୀ ସଂଘ ସ୍ୱାଗତ କରିଛି । ଅନେକ ଏହାକୁ ସରକାରୀ ସେବା ଏବଂ ପେନସନ ଉପରେ ନିର୍ଭରଶୀଳ ହଜାର ହଜାର ପରିବାରର ଆର୍ଥିକ ସୁରକ୍ଷା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି କହୁଛନ୍ତି। ଏହା ଉଲ୍ଲେଖ କରାଯିବା ଉଚିତ ଯେ କେନ୍ଦ୍ର ଏବଂ ରାଜ୍ୟ ସରକାର ସାଧାରଣତଃ ସେମାନଙ୍କ କର୍ମଚାରୀଙ୍କ ଆବଶ୍ୟକତା ଅନୁସାରେ ମହଙ୍ଗା ଭତ୍ତା ବୃଦ୍ଧି କରନ୍ତି। କର୍ମଚାରୀମାନଙ୍କୁ ସେମାନଙ୍କ ମୂଳ ଦରମା ଆଧାରରେ ମହଙ୍ଗା ଭତ୍ତା ପ୍ରଦାନ କରାଯାଏ।

# ସଂସଦର ସ୍ଥାୟୀ ସମିତିର କାର୍ଯ୍ୟକାଳ ବଢ଼ିପାରେ



## ସାଂସଦଙ୍କ ଦାବି ଉପରେ ବିଚାର କରୁଛନ୍ତି ସରକାର

ନୂଆଦିଲ୍ଲୀ,୨୭/୯: କେନ୍ଦ୍ର ସରକାର ସଂସଦର ସ୍ଥାୟୀ ସମିତିର କାର୍ଯ୍ୟକାଳ ଦୁଇ ବର୍ଷ ବଢାଇବା ଉପରେ ବିଚାର କରୁଛନ୍ତି । ବର୍ତ୍ତମାନ ସମୟରେ ଏହି ସମିତିଗୁଡ଼ିକର କାର୍ଯ୍ୟକାଳ କେବଳ ଗୋଟିଏ ବର୍ଷ ହୋଇଥାଏ । ସାଂସଦମାନେ ସରକାରଙ୍କ ନିକଟରେ ଦାବି କରିଥିଲେ ଯେ ଏତେ କମ ସମୟ ମଧ୍ୟରେ କୌଣସି ବିଷୟ ଉପରେ ସାର୍ଥକ କାମ କରିବା ସମ୍ଭବ ନୁହେଁ । ସରକାର ଏହା ଉପରେ ଖୁବଶୀଘ୍ର ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲା ଓ ରାଜ୍ୟସଭା ସଭାପତି ସି.ପି.ରାଧାକ୍ରିଷ୍ଣନଙ୍କ ସହ ଆଲୋଚନା କରି ନିଷ୍ପତି ନେଇପାରନ୍ତି । ସୂଚାନା ଅନୁସାରେ, କିଛି ସାଂସଦଙ୍କ ଅଭିଯୋଗ ଥିଲା ଯେ ଗୋଟିଏ ବର୍ଷ ଅବଧିରେ ସମିତିଗୁଡ଼ିକ ଚୟନ କରାଯାଇଥିବା ବିଷୟ ଉପରେ ପୂର୍ଣ୍ଣ ରୂପରେ କାମ କରିପାରନ୍ତି ନାହିଁ । ଏପରି ସ୍ଥଳେ କାର୍ଯ୍ୟକାଳକୁ ଦୁଇ ବର୍ଷ କରାଗଲେ ଅଧିକ ଅଧ୍ୟୟନ କରି ସୁପାରିଶ କରିପାରିବେ । ସାଂସଦଙ୍କ ଏହି ଦାବି ଉପରେ ସରକାର ଏବେ ଗମ୍ଭୀରତା ସହ ବିଚାର କରିବା ଆରମ୍ଭ କରିଛନ୍ତି । ଏହି ପ୍ରସ୍ତାବର ରାଜନୀତିକ ଗୁରୁତ୍ୱ ମଧ୍ୟ ରହିଛି । କଂଗ୍ରେସ ସାଂସଦ ଶଶି ଥରୁର ବର୍ତ୍ତମାନ ବିଦେଶ ମାମଲାର ସ୍ଥାୟୀ ସମିତିର ଅଧ୍ୟକ୍ଷ ଅଛନ୍ତି । ଯଦି ସମିତି କାର୍ଯ୍ୟକାଳକୁ ୨ ବର୍ଷ କରାଯାଏ, ତେବେ ପାର୍ଟି ସହ ମତଭେଦ ସତ୍ତ୍ୱେ ୨ ବର୍ଷ ଯାଏ ଅଧ୍ୟକ୍ଷ ଭାବରେ ରହିପାରିବେ । ସେପ୍ଟେମ୍ବର ୨୬ରେ ସଂସଦର ସବୁ ସମିତିର କାର୍ଯ୍ୟକାଳ ଶେଷ ହୋଇସାରିଛି । ଉଲ୍ଲେଖଯୋଗ୍ୟ ଯେ ସାଧାରଣତଃ ସ୍ଥାୟୀ ସମିତିର ନୂଆ କାର୍ଯ୍ୟକାଳ ସେପଟ୍ଟେମ୍ବର ଶେଷ କିମ୍ବା ଅକ୍ଟୋବର ଆରମ୍ଭରୁ ସ୍ଥିର ହୋଇଥାଏ । ଏହାକୁ 'ମିନି ସଂସଦ' ମଧ୍ୟ କୁହାଯାଇଥାଏ । ପ୍ରତିବର୍ଷ ସମିତିଗୁଡ଼ିକର ଗଠନ ହୋଇଥାଏ ଓ ବିଭିନ୍ନ ଦଳର ସାଂସଦଙ୍କୁ ସେମାନଙ୍କ ଶକ୍ତି ଅନୁପାତରେ ସ୍ଥାନ ମିଳିଥାଏ । ବର୍ତ୍ତମାନ ସଂସଦରେ ୨୪ ବିଭାଗର ସ୍ଥାୟୀ ସମିତି ରହିଛି । ଏଥିରୁ ୮ର ଅଧ୍ୟକ୍ଷତା ରାଜ୍ୟସଭାର ସଦସ୍ୟ କରନ୍ତି ଓ ଅନ୍ୟ ୧୬ ସମିତିର ନେତୃତ୍ୱ ଲୋକସଭା ସଦସ୍ୟ କରିଥାନ୍ତି ।

# ଆସନ୍ତା ୧ରେ ପୁଣି ଲଘୁଚାପ !

ଭୁବନେଶ୍ୱର,୨୭/୯(ନି/ପ୍ର): ପାର୍ବଣକୁ ଫିକା କରିପାରେ ଲଘୁଚାପ ଜନିତ ବର୍ଷା। ଆସନ୍ତା ୧ ତାରିଖରେ ପୁଣି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ୩୦ ତାରିଖରେ ଆଣ୍ଡାମାନ୍ ସାଗରରେ ନୂଆ ଘୂର୍ଣ୍ଣିବଳୟ ପ୍ରବେଶ କରିବା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ସେପଟେ କିଛି ଦିନ ହେବ ରାଜ୍ୟରେ ଲଗାଣ ବର୍ଷା ଜାରି ରହିଛି। ଫଳରେ ଅଧିକାଂଶ ନଦୀରେ ଜଳସ୍ତର ବଢିବାରେ ଲାଗିଛି । କିନ୍ତୁ କୌଣସି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉନାହିଁ । ରାଜ୍ୟରେ ଏବେ ବନ୍ୟା ପରିସ୍ଥିତି ନାହିଁ ବୋଲି କହିଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ । ଆଗାମୀ ୨୪ ଘଂଟା ମଧ୍ୟରେ କୋରାପୁଟ, ମାଲକାନଗିରି,କଳାହାଣ୍ଡି ,ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର , ରାୟଗଡ଼ା, ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗସିଂହପୁର, କଟକ, ଢେଙ୍କାନାଳ, କେନ୍ଦ୍ରାପଡ଼ା ଜିଲ୍ଲା ଗୁଡିକରେ ପାଇଁ ପ୍ରବଳ ରୁ ଅତି ପ୍ରବଳ ବର୍ଷା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ବର୍ଷା ସହ ୪୦ରୁ ୫୦ କିଲୋମିଟର ପବନ ଓ ବିଜୁଳି ଘଡ଼ଘଡ଼ି, ଝଟକା ପବନ ମଧ୍ୟ ରହିବ । ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ସହ ପବନ ମଧ୍ୟ ରହିବ। ସେପ୍ଟେମ୍ବର ୨୮ ତାରିଖ ଠାରୁ ବର୍ଷାର ପରିମାଣ କମିବ । ତେବେ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଅକ୍ଟୋବର ୧ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ବର୍ଷାର ପରିମାଣ ବଢିବ




# କେନ୍ଦୁଝର ସମାଚାର
**A.R. KHAN**
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# ଲଣ୍ଡନର ସଂସଦ ହାଉସ ଅଫ ଲର୍ଡସ୍‌ରେ ଓଡ଼ିଆ ଶିକ୍ଷାବିତ୍ ସମ୍ମାନିତ



କେନ୍ଦୁଝର,୨୭/୯(ନି/ପ୍ର) :ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲଣ୍ଡନ ସଂସଦ ଗୃହ ହାଉସ ଅଫ ଲର୍ଡସ୍ ଠାରେ ଆୟୋଜିତ ଏକ ଆନ୍ତର୍ଜାତିକ ସମ୍ମିଳନୀ ରେ କେନ୍ଦୁଝର ର ଶିକ୍ଷାବିତ୍ ମଳୟ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଛି । କେନ୍ଦୁଝର ଜିଲ୍ଲାର ବିଦ୍ୟା ଭବନ ଓ ମନୋରମା ବିଦ୍ୟା ଭବନ ସ୍କୁଲ ର ପ୍ରତିଷ୍ଠାତା ତଥା ଗୋନାଶିକା ରିସର୍ଚ୍ଚ ଫାଉଣ୍ଡେସନ ର ନିର୍ଦ୍ଦେଶକ ମଳୟ ମହାପାତ୍ର ଏହି ଆନ୍ତର୍ଜାତିକ ଆଲୋଚନା ଚକ୍ରରେ ଶ୍ରେଣୀଗୃହ ବ୍ୟତୀତ ବାହ୍ୟ ପରିବେଶ କୁ ନେଇ ଜ୍ଞାନ ଅହୋରଣ ବିଷୟରେ ଆଲୋକପାତ କରିଥିଲେ । ଭାରତର ଉନ୍ନତ ପ୍ରାଚୀନ ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ଓ ଏବେ ଏହାର ପ୍ରାସଙ୍ଗିକତାକୁ ଉପସ୍ଥାପନ କରିଥିଲେ । ସେପ୍ଟେମ୍ବର ୨୬ ରେ ଏସିଆ ଟୁଡେ ମିଡିଆ ଓ ଇଣ୍ଡୋ ଇଉରୋପ ରିଲେସନ ଦ୍ୱାରା ଆୟୋଜିତ ଏହି ଆନ୍ତର୍ଜାତିକ ସମ୍ମିଳନୀ ରେ ଲର୍ଡ କେ.ସି. ବ୍ରେନନ୍ ମାଳୟଙ୍କୁ ସମ୍ମାନିତ କରିଥିଲେ । ଶିକ୍ଷା ଓ ସମାଜ ସେବା କ୍ଷେତ୍ରରେ ଅବଦାନ ପାଇଁ ପୂର୍ବରୁ କ୍ରିଷ୍ଟିଆନ ୟୁନିଭର୍ଶିଟି ରୁ ମଳୟ ସମ୍ମାନ ଜନକ ଡକ୍ଟରେଟ ଓ ଦୁବାଇ ଠାରେ ବିଶ୍ୱ ଶିକ୍ଷା ସମ୍ମିଳନୀ ରେ ଶିକ୍ଷା ପୁରସ୍କାର ୨୦୨୦ ରେ ସମ୍ମାନିତ ହୋଇ ସାରିଛନ୍ତି । ୧୯୯୦ ମସିହାରେ କେନ୍ଦୁଝର ସାକ୍ଷରତା ଅଭିଯାନରେ କାର୍ଯ୍ୟ ଆରମ୍ଭ କରି କେନ୍ଦୁଝର ଜିଲ୍ଲା ଖୁଦପସି ଠାରେ ନିଜସ୍ୱ ପ୍ରଚେଷ୍ଟାରେ ବିଦ୍ୟା ଭବନ୍ ଆବାସିକ ବିଦ୍ୟାଳୟ ସ୍ଥାପନ କରି ଶତାଧିକ ଛାତ୍ରଛାତ୍ରୀ ଙ୍କୁ ମଣିଷ କରିବାରେ ମଳୟ ଙ୍କ ମୁଖ୍ୟ ଭୂମିକା ରହିଛି । ଏହା ସହ ଗୋନାଶିକା ଗୋବେଷଣ । କେନ୍ଦ୍ର ସ୍ଥାପନ କରି ଜିଲ୍ଲାର ବିଭିନ୍ନ ବିଷୟରେ ଗୋବେଷଣାତ୍ମକ କାର୍ଯ୍ୟ ଚାଲୁ ରଖିଛନ୍ତି ।

# ପାଟଣାରେ ରାବଣପୋଡି ଉତ୍ସବ ପ୍ରସ୍ତୁତି ବୈଠକ

କେନ୍ଦୁଝର,୨୭/୯(ନି/ପ୍ର): ପାଟଣା ମୁଖ୍ୟାଳୟ ମିନି ଷ୍ଟାଡିୟମ ଠାରେ ଚଳିତ ବର୍ଷ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହେବ ।ଏଠିପାଇଁ ଏକ ପ୍ରସ୍ତୁତି ବୈଠକ ରାବଣ ପୋଡି କମିଟିର ସଭାପତି ବିଜୟ ରନ୍ ପତିଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ଏହି ଉତ୍ସବକୁ ଧୁମଧାମରେ ଓ ଅଧିକ ଆକର୍ଷଣୀୟ ଭାବେ ପାଳନ କରାଯିବା ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିଲା । ଏହି ରାବଣ ପୋଡି ଉତ୍ସବରେ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଓ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଉପସ୍ଥିତ ରହି ଜନସାଧାରଣ ଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ରାବଣ ପୋଡି ଉତ୍ସବ ଅକ୍ଟୋବର ୨ ତାରିଖ ଗୁରୁବାର ଦିନ ପାଟଣା ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମ ରେ ଆକର୍ଷଣୀୟ ଆତସବାଜି ସହିତ ରଙ୍ଗାରଙ୍ଗ ମେଲୋଡି 'ସୁର ସାରେଗାମାପା'କଟକ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯିବ ବୋଲି ରାବଣ ପୋଡି କମିଟି ତରଫରୁ ସୂଚନା ଦିଆଯାଇଛି ।ପ୍ରସ୍ତୁତି ବୈଠକରେ ରାବଣ ପୋଡି କମିଟିର ସଭାପତି ବିଜୟ ରନ୍ ପତି, ଉପସଭାପତି ଅୟସ ନାୟକ, ସମ୍ପାଦକ ପ୍ରକାଶ ସେଠୀ, ବରିଷ୍ଠ ସଦସ୍ୟ ବାଇଧର ସାହୁ, ପ୍ରୀତମ ପଣ୍ଡା, ଯୁଧିଷ୍ଠିର ମହାନ୍ତି, ବିକାଶ ସେଠୀ ଏସ କେ ମାନସୁର, ଦୁର୍ଲ୍ଲଭ ଦାସ ପ୍ରମୁଖ ଙ୍କ ସହିତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।ଚଳିତ ବର୍ଷର ଏହି ରାବଣ ପୋଡି ଉତ୍ସବକୁ ସଫଳ କରିବା ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇ ଏହାର ଆନନ୍ଦ ଉଠାଇବା ପାଇଁ ସଭାପତି ବିଜୟରନ୍ ପତି ନିବେଦନ କରିଛନ୍ତି ।

# ବିଶ୍ୱବିଦ୍ୟାଳୟ ପରିସରରେ ବିଭନ୍ନ ସମସ୍ୟା ନେଇ ବିଦ୍ୟାର୍ଥୀ ପରିଷଦର ଦାବିପତ୍ର ପ୍ରଦାନ

କେନ୍ଦୁଝର,୨୭/୯(ନି/ପ୍ର): ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ଧରଣୀଧର ବିଶ୍ୱବିଦ୍ୟାଳୟ ଭାବେ ଅନୁମୋଦିତ ହୋଇଥିଲେ ମଧ୍ୟ ଏଯାଏ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ବିଶ୍ୱବିଦ୍ୟାଳୟର ସୁବିଧା ଏବଂ ସୁଯୋଗ କିଛି ପାଇପାରୁନାହାନ୍ତି । ଯାହା ଦ୍ୱାରା ପିଲାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସବୁ ସମସ୍ୟାକୁ ଆଖି ଆଗରେ ରଖି ଛାତ୍ରଛାତ୍ରୀମାନଙ୍କ ହକ୍ ନିମନ୍ତେ ସର୍ବଦା ଆଗଭର ଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଆଜି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ମାଧ୍ୟମରେ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କିଛି ଦାବିଗୁଡିକ ହେଉଛି ଛାତ୍ର ସାଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା ,ବିଶ୍ୱ ବିଦ୍ୟାଳୟରେ ସ୍ଥାୟୀ ଉପ କୁଳପତି ନିଯୁକ୍ତି , ଉପଯୁକ୍ତ ସମୟରେ ପରୀକ୍ଷା ଫଳ ପ୍ରକାଶ, ପର୍ଯ୍ୟାପ୍ତ ପରିମାଣର ପାଣି ଫିଲଟର ଆବଶ୍ୟକ ତଥା ଖାଲି ପଡ଼ିଥିବା ଶିକ୍ଷକ ଏବଂ ଅଣଶିକ୍ଷକ ପଦବୀ ଯଥାଶୀଘ୍ର ପୂରଣ କରାଯାଉ । ଉପରୋକ୍ତ ଦାବିଗୁଡିକୁ ଯଥାଶୀଘ୍ର ପୂରଣ କରାଯାଉ ଏବଂ ସମସ୍ତ ସମସ୍ୟାର ସମାଧାନ ଯଥାଶୀଘ୍ର କରାଯିବା ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା କେନ୍ଦୁଝର ଜିଲ୍ଲା ସଂଯୋଜକ ସ୍ୱରାଜ କେତନ ମହାନ୍ତ ଯୋଗ ଦେଇଥିଲେ ।

# ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପରିଷଦର ଆଲୋଚନାଚକ୍ର




କେନ୍ଦୁଝର,୨୭/୯(ନି/ପ୍ର): କେନ୍ଦୁଝର ର ବହୁ ଚର୍ଚ୍ଚିତ ୨୦୦୧ ମସିହାର ହାତୀ ଆନ୍ଦୋଳନ ରେ ସାମିଲ ତଥା ପୋଲିସ ଗୁଳିର ଶିକାର ହୋଇଥିବା ଆନ୍ଦୋଳନକାରୀ ଏବଂ ବୁଦ୍ଧିଜୀବୀ ଙ୍କୁ ନେଇ ଗଠିତ ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପରିଷଦ ପକ୍ଷରୁ କେନ୍ଦୁଝର ସହରର ରୋଟାରି କ୍ଲବ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ର ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପରିଷଦ ର ବରିଷ୍ଠ ସଦସ୍ୟ ରାଧାକାନ୍ତ ମହାନ୍ତ ଙ୍କ ନେତୃତ୍ୱ ରେ କୁମୁଦିନୀ ସାହୁ, ସଞ୍ଜୟ କୁମାର ପଣ୍ଡା,କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ମଚାଂସିନ ହୋଇ ବନ୍ୟଜନ୍ତୁ ପ୍ରପୀଡ଼ିତଙ୍କ ସୁରକ୍ଷା ପାଇଁ ଏବଂ ଶସ୍ୟ ର କ୍ଷତିପୂରଣ ବୃଦ୍ଧି ପାଇଁ ଦାବୀ କରିବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡିଶା ର ଦାୟିତ୍ୱ ନେବାପାରେ ହାତୀ ଆକ୍ରମଣ ରେ ମଣିଷର ମୃତ୍ୟୁ ହେଲେ ପରିବାରକୁ ୬ଲକ୍ଷ କ୍ଷତିପୂରଣ ବଦଳରେ ୧୦ଲକ୍ଷ ଟଙ୍କା କୁ ବୃଦ୍ଧି କରିଥିବାରୁ ଉପସ୍ଥିତ ସମବେତ ବୁଦ୍ଧିଜୀବୀ ଏବଂ ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପରିଷଦର କର୍ମକର୍ତାମାନେ ପ୍ରଶଂସା କରିବା ସହିତ ଧନ୍ୟବାଦ ଦେଇଥିଲେ । ଆଗାମି ଦିନରେ ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପାଇଁ ବିଭିନ୍ନ ପ୍ରସ୍ତାବ ମାନ ଦେଇଥିଲେ ଉପସ୍ଥିତ ବୁଦ୍ଧିଜୀବୀ । ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପରିଷଦ ର ବରିଷ୍ଠ ସଦସ୍ୟ ବେଣୁଧର ମହାନ୍ତ ଶୋଭା ପରିଚାଳନା କରିଥିବାବେଳେ ପରିବେଶ ବିତ ଭକ୍ତବତ୍ସଳ ମହାନ୍ତି, ଦେବରାଜ ଆଚାର୍ଯ୍ୟ, ସଂଗ୍ରାମ ଦାସ, ଦିଲ୍ଲୀପ କୁମାର ସାହୁ, ବଳଭଦ୍ର ମହାନ୍ତ, ଭୈରବ ମହାନ୍ତ,ସତ୍ୟର୍ଜିତ ମିଶ୍ର,ଯଜ୍ଞପ୍ରସାଦ ସାହୁ ପ୍ରମୁଖ ନିଜନିଜର ମତାମତ ଏବଂ ପ୍ରସ୍ତାବ ରଖିଥିଲେ ।

## ମା ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ନିମନ୍ତେ ପ୍ରାକ୍ ପ୍ରସ୍ତୁତି

ଭବାନୀପାଟଣା,୨୭/୯(ନି/ପ୍ର): କଳାହାଣ୍ଡି ର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ଚଳିତ ମାସ ସେପ୍ଟେମ୍ବର ୩୦ ତାରିଖରେ ଭବାନୀ ପାଟଣା ଠାରେ ମହାସମାରୋହରେ ଅନୁଷ୍ଠିତ ହେବ । ଜେନା ଖାଲ ରେ ମାଙ୍କ ଛତର ଯାତ୍ରାର ବିଧି ଅନୁସାରେ ପୂଜ୍ୟ ପୂଜା ସାରି ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ହଜାର ହଜାର ଭକ୍ତଙ୍କୁ ଦର୍ଶନ ଦେବା ନିମନ୍ତେ ଭକ୍ତଙ୍କ ଭିଡରେ ମାଙ୍କ ଛତ୍ର ମନ୍ଦିର ରେ ପ୍ରବେଶ କରିବ । ଛତର ଉତ୍ସବକୁ ମହାସମାରୋହରେ ଶାନ୍ତି, ଶୃଙ୍ଖଳା ସହିତ ପାଳନ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଆବଶ୍ୟକ ସମସ୍ତ ବ୍ୟବସ୍ଥାର ପ୍ରସ୍ତୁତି ଜାରିରହିଛି । ଆଜି କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଅପରାହ୍ଣ ରେ ଜେନାଖାଲ ପରିଦର୍ଶନରେ ଆସି ଆବଶ୍ୟକ ପ୍ରସ୍ତୁତି ଅନୁଧ୍ୟାନ କରି ଜେନା ଖାଲ ରୁ ମା ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଚାଲି ଚାଲି ଛତର ଯାତ୍ରା ପରିକ୍ରମା ପଥ ବୁଲି ଦେଖିଥିଲେ ଏବଂ ପବିତ୍ର ଛତ୍ର ଯାତ୍ରା ମହାସମାରୋହରେ ଶାନ୍ତି ଶୃଙ୍ଖଳାର ସହିତ ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ଏହି ପ୍ରସ୍ତୁତି କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହିତ ଅତିରିକ୍ତ



ତେଲକୋଇ ବ୍ଲକ ଶିରିଗିଡ଼ା ଆଂଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱଚ୍ଛତା ଦିବସ ପାଳିତ

# ଛତୁ ତୋଳିବାକୁ ଯାଇଥିଲେ : ହାତୀ ହାବୁଡ଼ରେ ପଡ଼ି ଚାଲିଗଲା ଜୀବନ



ଛେଣ୍ଡିପଦା,୨୭/୯(ନି/ପ୍ର): ହାତୀ ଆକ୍ରମଣରେ ଜଣେ ବୟସ୍କ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି ଓ ଘଟଣା ଘଟିଛି ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ରେଞ୍ଜ ନୂଆଗାଁରେଓ ମୃତକ ହେଲେ ନୂଆଗାଁର ସୁବାସ ପ୍ରଧାନଓ ଜଙ୍ଗଲକୁ ଛତୁ ତୋଳିବାକୁ ଯାଇଥିବା ବେଳେ ସେ ହାତୀ ସହିତ ମୁହାଁମୁହିଁ ହୋଇଥିଲେଓ ତାଙ୍କୁ ତୁରନ୍ତ ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ବାଗଡ଼ିଆ ଥାନା ନୂଆଗାଁ ଗ୍ରାମର ଜଣେ ଯୁବକ ଦନ୍ତା ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି । ଆଜି ଭୋର ସାଢ଼େ ୫ ଟାରେ ଗ୍ରାମର ସୁବାସ ପ୍ରଧାନ(୫୩) ସାଥୀଙ୍କ ସହିତ ଗାଁ ପାଖ ମଶାଣି ନିକଟକୁ ଛତୁ ଖୋଜିବାକୁ ଯାଇଥିଲେ । ସେଠାରେ ଗୋଠଖଣ୍ଡିଆ ଦନ୍ତା ହାତୀ ହାବୁଡ଼ରେ ପଡ଼ିଥିଲେ । ସାଥୀମାନେ ଦୌଡ଼ି ରକ୍ଷାପାଇଥିବା ବେଳେ ସୁବାସ ଦନ୍ତା ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ସୁବାସଙ୍କୁ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୁଳଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ବାଗଡ଼ିଆ ଥାନା ନୂଆଗାଁ ଗ୍ରାମର ଜଣେ ଯୁବକ ଦନ୍ତା ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି । ଆଜି ଭୋର ସାଢ଼େ ୫ ଟାରେ ଗ୍ରାମର ସୁବାସ ପ୍ରଧାନ(୫୩) ସାଥୀଙ୍କ ସହିତ ଗାଁ ପାଖ ମଶାଣି ନିକଟକୁ ଛତୁ ଖୋଜିବାକୁ ଯାଇଥିଲେ । ସେଠାରେ ଗୋଠଖଣ୍ଡିଆ ଦନ୍ତା ହାତୀ ହାବୁଡ଼ରେ ପଡ଼ିଥିଲେ । ସାଥୀମାନେ ଦୌଡ଼ି ରକ୍ଷାପାଇଥିବା ବେଳେ ସୁବାସ ଦନ୍ତା ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ସୁବାସଙ୍କୁ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ପୁଲିସ ମୃତଦେହ ବ୍ୟବଚ୍ଛେଦ ପରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳେଇଛି । ବନ ବିଭାଗ ପକ୍ଷରୁ ଅନ୍ତିମ ସଂସ୍କାର ପାଇଁ ଏକ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିଛନ୍ତି ।

# ସଡ଼କ ଉନ୍ନତିକରଣ ପାଇଁ ୩୦ କୋଟି ମଞ୍ଜୁରୀ ଗ୍ରାମୀଣ ରାସ୍ତାର ଉନ୍ନତି ମୋର ପ୍ରାଥମିକତା : ଅଖିଳ

କେନ୍ଦୁଝର,୨୭/୯(ନି/ପ୍ର) କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀରେ ଗ୍ରାମୀଣ ସଂଯୋଗୀକରଣ କୁ ଉନ୍ନତମାନର କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ କପାସପଡ଼ାରୁ ଡୁମୁରିଆ ପର୍ଯ୍ୟନ୍ତ ରାସ୍ତାର ଉନ୍ନତି ଏବଂ ପ୍ରଶସ୍ତୀକରଣକୁ ମଞ୍ଜୁର କରିଛନ୍ତି । ପ୍ରମୁଖ ଗ୍ରାମୀଣ ରାସ୍ତା ଦେଇ ଯାଇଥିବା ୧୮ କିଲୋମିଟର ରାସ୍ତାଟି ୨୯.୫୬ କୋଟି ଟଙ୍କାର ଏକ ପ୍ରମୁଖ ଉନ୍ନତିକରଣ ପାଇଁ ସ୍ଥିର ହୋଇଛି । ଏହି ରାସ୍ତାରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ଗ୍ରାମୀଣ ବିକାଶ ରାସ୍ତା ଅନ୍ତର୍ଭୁକ୍ତ: ଜାତୀୟ ରାଜପଥ -୨୧୫ରୁ ଡୁମୁରିଆ - ୫.୭୪ କିମି, ପୂର୍ତ୍ତ ବିଭାଗ ରାସ୍ତା କୁମୁଦବହଲି - ୯.୦୮ କିମି, ଡୁମୁରିଆରୁ କୁମୁଦବହଲି -୨.୫୭ କିମି ବୋଲି ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାଏକ ବିଧାନସଭା ଅଧିବେଶନ ସମୟରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ଦ୍ୱାରା ଉଠାଯାଇଥିବା ଏକ ପ୍ରଶ୍ନର ଲିଖିତ ଉତ୍ତରରେ ପ୍ରକଳ୍ପକୁ ନିଶ୍ଚିତ କରିଛନ୍ତି । ସେ କହିଛନ୍ତି ଯେ, ରାସ୍ତା କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡଚଜ) ବର୍ତ୍ତମାନ ପ୍ରସ୍ତୁତ ହେଉଛି । ଡିପିଆର ଚୂଡ଼ାନ୍ତ ହେବା ପରେ, ପ୍ରକଳ୍ପଟି ପ୍ରଶାସନିକ ଅନୁମୋଦନ ପାଇଁ ଆଗକୁ ବଢ଼ିବ, ପରେ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ । ବିଧାୟକ ଶ୍ରୀ ନାଏକ କହିଛନ୍ତି ଯେ, ରାସ୍ତା ଉନ୍ନତିକରଣ ଦ୍ୱାରା ପରିବହନରେ ଯଥେଷ୍ଟ ଉନ୍ନତି ହେବ, ଯାତ୍ରା ସମୟ ହ୍ରାସ ହେବ ଏବଂ ଅଂଚଳର ବାସିନ୍ଦାଙ୍କ ପାଇଁ ବଜାର, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ଉତମ ପ୍ରବେଶ ସୁବିଧା ମିଳିବ ବୋଲି ଆଶା କରାଯାଉଛି ।

# ବ୍ରହ୍ମବରଦା ଅଂଚଳର ପୁଅ ପାଇଲେ ଓଏଏସ୍: ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ

ଧର୍ମଶାଳା,୨୭/୯(ନି/ପ୍ର): ଓଡିଶା ପ୍ରଶାସନିକ ସେବା୨୦୨୩ (ଓଏଏସ୍) ରେଜଲ୍ଟ ପ୍ରକାଶ ପାଇଛି । ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଂଚଳର ସେକ୍ ନୁରୁଲ ହକ୍ ଓ ମା' ରାହିଲା ସୁଆବ୍‌ଙ୍କ ମଝିଆ ପୁଅ ମହମ୍ମଦ ନଜିବ୍ ହାତିବ୍ ଓଏସସ୍ ପରୀକ୍ଷାରେ ୮ ନମ୍ବର ର୍ୟାଙ୍କ ପାଇଛନ୍ତି । ଆଜି ଏହି ଖବର ପ୍ରଚାରିତ ହେବା ପରେ ବ୍ରହ୍ମବରଦା ଅଂଚଳରେ ଖୁସିର ଲହରୀ ଖେଳି ଯାଇଛି । ଭୁବନେଶ୍ୱରସ୍ଥିତ ଡିଏଭି ସ୍କୁଲରେ ସିବିଏସ୍‌ଇ ମାଧ୍ୟମରେ ମାଟ୍ରିକ୍ ପାସ୍ କରିବା ପରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗରେ ଭୁବନେଶ୍ୱରସ୍ଥିତ ୟୁନିଟ୍ ୮ରେ ଡିଏଭିରେ ପାଠ ପଢୁଥିଲେ । ପରେ ଡେରାଡୁନସ୍ଥିତ ପେଟ୍ରୋକେମିକାଲ କଲେଜରୁ ବିଟେକ ପାସ୍ କରିଥିଲେ । ପାଠ ପଢା ସହିତ ସେ ଓଏଏସ୍ ପାଇଁ ପ୍ରସ୍ତୁତ ହେଉଥିଲେ । ତେବେ ୨୦୨୨ ମସିହାରେ ଓଏଏସ୍ ପରୀକ୍ଷାରେ ୨୨୫ ନମ୍ବର ର୍ୟାଙ୍କ ପାଇ ସଫଳତା ପାଇଥିଲେ । ନିଜକୁ ର୍ୟାଙ୍କରେ ଉନ୍ନତି ଆଣିବା ପାଇ ପୁନଃର୍ବାର ୨୦୨୩ ମସିହା ପାଇଁ ପ୍ରସ୍ତତ ହେଉଥିଲେ । ତେବେ ଆଜି ଓଏଏସ୍ ରେଜଲ୍ଟ ଆସିବା ପରେ ୮ ନମ୍ବର ର୍ୟାଙ୍କରେ ତାଙ୍କ ନାମ ଥିବା ଜଣାପଡିଥିଲା । ଯାହାକୁ ନେଇ ଆଜି ଅଂଚଳରେ ଖୁସିର ଲହରୀ ଖେଳି ଯାଇଛି । ତାଙ୍କର ଏହି କୃତିତ୍ୱ ପାଇଁ ବାପା ନୁରୁଲ,ମା' ରାହିଲା ସୁଆବ୍ ଓ ମାଉସୀ ସଦାଫ ସୁଆବ୍‌ଙ୍କ ସହ ବଡଭାଇ ,ବନ୍ଧୁ ପରିବାର ବର୍ଗ,କଲେଜର ସମସ୍ତ ଶିକ୍ଷକ ବୃନ୍ଦ ଓ ତାଙ୍କ ସହପାଠୀ କୃତଜ୍ଞତା ଜଣାଇଛନ୍ତି । ତାଙ୍କ ସଫଳତାରେ ବ୍ରହ୍ମବରଦା ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଆଲ୍ ଉମା' ଓ ଉତ୍କଳ ଗୌରବ ସେବା ସଂସଦ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି ।

# ସରକାରୀ ବିଦ୍ୟାଳୟରେ ପରୀକ୍ଷା ସମୟରେ ଗ୍ରାମବାସୀଙ୍କ ସଭାକୁ ନେଇ ଅସନ୍ତୋଷ

ଭଦ୍ରକ,୨୭/୯(ନି/ପ୍ର): ସରକାରୀ ବିଦ୍ୟାଳୟ ମାନଙ୍କରେ ପରୀକ୍ଷା ଚାଲିଥିବା ସମୟରେ ବିଦ୍ୟାଳୟ ପରିସରରେ ଏକ ଗ୍ରାମସଭାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । କେଉଁ ପରିସ୍ଥିତିରେ ଗୋଟିଏ ପଟରେ ଶହ ଶହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ପରୀକ୍ଷା ଚାଲିଥିବା ବେଳେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଳୟ ପରିସରରେ ଏକ ସଭା ଡକାଇଲେ ତାହାର ବିଦ୍ଧିବଦ୍ଧ ତଦନ୍ତ କରିବାକୁ ଦାବୀ ହୋଇଛି । ପ୍ରାପ୍ତ ଖବର ଅନୁଯାଇ ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀଙ୍କ ଅଧିନରେ ଥିବା କୁଆମରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରବାର ଦିନ ୨ଶହରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ସମୟରେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ଶତପଥୀ କୁଆମରା ଗ୍ରାମର ଶତାଧିକ ଲୋକଙ୍କୁ ଡାକି ବିଦ୍ୟାଳୟ ପରିସର ମଧ୍ୟରେ ଏକ ସଭା କରିଥିଲେ ।ଉପସ୍ଥିତ ଥିବା ଗ୍ରାମବାସୀ ମାନଙ୍କୁ ପଚାରିବାରୁ ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହିଁକି ପରୀକ୍ଷା ଚାଲୁଥିବା ସମୟରେ ଏହି ଜରୁରୀ ସଭା ଡାକିଲେ ଏହି ସଭା ଦିନ ୧୧ ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଚାଲିଲା ତାହା ଯଥାର୍ଥ ତା କିଛି ନାହିଁ ଏବଂ କିଛି ଗ୍ରାମବାସୀ ସଂପୃକ୍ତ ପ୍ରଧାନ ଶିକ୍ଷକ ନିଜ ମନମାନୀରେ ବିଦ୍ୟାଳୟ ଚଳାଉଛନ୍ତି ଏବଂ ପରୀକ୍ଷା ସମୟରେ ଏପରି ସଭା ଡାକିବା କୁ ନାପସନ୍ଦ ମଧ୍ୟ କରିଛନ୍ତି । ମାତ୍ର ସଂପୃକ୍ତ ବିଦ୍ୟାଳର ପ୍ରଧାନ ଶିକ୍ଷକ କାହିଁକି ପରୀକ୍ଷା ସମୟରେ ଗ୍ରାମବାସୀଙ୍କୁ ଡକାଇ ମିଟିଂ କରୁଛନ୍ତି ତାହାର କୌଣସି ଉତର ରଖି ନଥିଲେ । ଅନ୍ୟ ପକ୍ଷରେ ସଂପୃକ୍ତ ସିଆରସିସି ତ୍ରିଲୋଚନ ଦାସ ମଧ୍ୟ ଏହି କଥା ଉପରେ ନିଜର ତୀବ୍ର ପ୍ରତିକ୍ରିୟା ରଖିବା ସହ ଏହି ସଭା ପରୀକ୍ଷା ସମୟରେ ଡକାଇବା ଆଇନ ସମ୍ମତ ନୁହେଁ ବୋଲି ମଧ୍ୟ କହିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ସଂପୃକ୍ତ ପ୍ରଧାନ ଶିକ୍ଷକ ମୋଦୀଙ୍କ ଜନ୍ମ ଦିନରେ ଏହି ବିଦ୍ୟାଳୟ ପରିସରରେ ଗ୍ରାମବାସୀ ବୃକ୍ଷ ରୋପଣ କରିବାକୁ ଚାହୁଁଥିବା ବେଳେ ସଂପୃକ୍ତ ପ୍ରଧାନଶିକ୍ଷକ ଅନୁମତି ମଧ୍ୟ ଦେଇ ନଥିଲେ । କିଛିଦିନ ପୂର୍ବରୁ ସଂପୃକ୍ତ ପ୍ରଧାନ ଶିକ୍ଷକ ଛାତ୍ରଛାତ୍ରଙ୍କୁ ଲଗାଇ କାଠ ବୋହିବା ଏବଂ ବିଦ୍ୟାଳୟ ପରିସରରେ ଏକ ଛାତ୍ରକୁ ବାଡେଇବାରୁ ସଂପୃକ୍ତ ଛାତ୍ରର ଅଭିଭାବକ ଏହାକୁ ବିରୋଧ କରିଥିବା ବେଳେ ସଂପୃକ୍ତ ପ୍ରଧାନ ଶିକ୍ଷକ କ୍ଷମା ପ୍ରାର୍ଥନା ମଧ୍ୟ କରିଥିଲେ ।ଦିନକୁ ଦିନ ବିବାଦୀୟ ହୋଇ ପଡୁଥିବା ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଂଚଳବାସୀ ଦାବୀ ଜଣାଇଛନ୍ତି ଏବଂ କେଉଁ ପରିସ୍ଥିତିରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ସମୟରେ ଏପରି ସଭା ଡକାଇବାର କୌଣସି ଯଥାର୍ଥତା ନାହିଁ ବୋଲି ମତ ପ୍ରକାଶ ପାଇଛି ।

# ଆସାମ-ଝାଡ଼ଖଣ୍ଡ ପୁଲିସର ନକଲି ଡ୍ରେସ୍ ଭଦ୍ରକରେ ଜବତ୍, ଅଭିଯୁକ୍ତ ଗିରଫ



ଭଦ୍ରକ,୨୭/୯(ନି/ପ୍ର): ନକଲି ପୁଲିସକୁ ଅସଲି ପୁଲିସ ଗିରଫ କରିଛି । ଏଥି ସହିତ ନକଲି ଆର୍ମି ଓ ପୁଲିସ ପୋଷାକ ଜବତ ହୋଇଛି । କାର ସହ ବନ୍ଧୁକ ଜବତ ହେବା ସହ ଅନେକ ପୁଲିସ ବ୍ୟାଚ୍ ମଧ ଜବତ୍ ହୋଇଛି । କେଉଁଠି ପୁଲିସ, ଆର୍ମି, ଆରପିଏଫ୍ ଓ ଏଏସ୍‌ପି ପରିଚୟ ଦେଉଥିବା ସୂଚନା ମିଳିଛି । ଏମିତି ଏକ ଠକ୍ ପୁଲିସକୁ ଧରିଛି ଭଦ୍ରକ ଗ୍ରାମାଂଚଳ ପୁଲିସ । ଅଭିଯୁକ୍ତ ଜଣକ ରାହୁଲ ଏସ ରଣାଓ୍ୱତ ନାମର ନେମ୍ ପ୍ଲେଟ ବ୍ୟବହାର କରୁଥିଲା । ତାର ବ୍ୟବହାର କରୁଥିବା କାରରେ ପୁଲିସ ଲୋଗୋ ଲଗାଇବା ସହ ସାଇରନ୍ ଲାଇଟ୍ ମଧ ବ୍ୟବହାର କରୁଥିଲା ଏହି ଠକ୍ ପୁଲିସ । ଭଦ୍ରକ ଗ୍ରାମାଂଚଳ ପୁଲିସ କହିଛି ଜିଲ୍ଲାରେ ଏକ ହୋଟେଲ ନିକଟରେ ଅନେକ ଦିନ ହେବ ଝାଡ଼ଖଣ୍ଡ ରେଜିଷ୍ଟ୍ରେସନ୍ ଥିବା ଏକ କାର ଦୀର୍ଘ ଦିନ ହେବ ଥିଲା । ସନ୍ଦେହ ହେବାରୁ ପୁଲିସ ଖୋଳତାଡ଼ କରିବା ବେଳେ ରାହୁଲ ଏସ ରାଣାଓ୍ୱାତ ବିଷୟରେ ଖବର ମିଳିଥିଲା । ଏହି ଠକକୁ ଧରିବା ପରେ ଯେଉଁ ଯେଉଁ ପୋଷାକ ମିଳିଥିଲା ସେହି ବିଭାଗ ସହ ଯୋଗାଯୋଗ ପରେ ସେ ଜଣେ ଠକ୍ ବୋଲି ସ୍ପଷ୍ଟ ହୋଇଛି । ଏକ ହୋଟେଲ ନିକଟରେ ଅନେକ ଦିନ ହେବ ଝାଡ଼ଖଣ୍ଡ ରେଜିଷ୍ଟ୍ରେସନ୍ ଥିବା ଏକ କାର ଦୀର୍ଘ ଦିନ ହେବ ଥିଲା । ସନ୍ଦେହ ହେବାରୁ ପୁଲିସ ଖୋଳତାଡ଼ କରିବା ବେଳେ ରାହୁଲ ଏସ ରାଣାଓ୍ୱାତ ବିଷୟରେ ଖବର ମିଳିଥିଲା । ଅଭିଯୁକ୍ତ ପାଖରୁ ଆସାମ ପୁଲିସ, ଝାଡ଼ଖଣ୍ଡ ପୁଲିସ ସହ ଅନେକ ରାଜ୍ୟର ପୁଲିସ ଡ୍ରେସ୍ ଜବତ୍ ହୋଇଛି । ଭଦ୍ରକ ପୁଲିସର ପ୍ରାଥମିକ ତଦନ୍ତରୁ ୩୮ଟି ପୁଲିସ ସହ ଜଡ଼ିତ ଥିବା ସାମଗ୍ରୀ ଜବତ୍ ହୋଇଛ ।

ଉତ୍କଳ ସମାଚାର

# ସମ୍ପାଦକୀୟ...

ରବିବାର ୨୮ ସେପ୍ଟେମ୍ବର ୨୦୨୫

## ରାଷ୍ଟ୍ରବାଦ ଏକ ଦୁଇପଟର ଧାର ଥିବା ଖଣ୍ଡା

ବିଗତ କିଛି ବର୍ଷ ହେବ ଭାରତ ସମେତ ବିଶ୍ୱର ଅନେକ ଦେଶରେ ଶାସକ ଗୋଷ୍ଠୀଙ୍କ ଦ୍ୱାରା ଦୁଇଟି ବିଚାରକୁ ପ୍ରୟାସ ପୂର୍ବକ ପ୍ରାଥମିକତା ଦିଆଯାଉଛି। ଏ ଦୁଇଟି ବିଚାରକୁ ମଧ୍ୟ ଲୋକଙ୍କ ମନରେ ପୁରାଇ ଦିଆଯାଉଛି। ଏ ଦୁଇଟି ବିଚାର ବା ଦୁଇଟି ଶବ୍ଦ ହେଉଛି ରାଷ୍ଟ୍ରବାଦ ଓ ଦେଶଭକ୍ତି। କହିବାକୁ ଗଲେ ଏ ଦୁଇଟି ଶବ୍ଦ ବା ବିଚାର ସକାରାତ୍ମକତା ଏବଂ ଗୌରବବୋଧର ପରିଚାୟକ। ଏଇଥିପାଇଁ ଏହା ସକାରାତ୍ମକ ଓ ଗୌରବ ର ପରିଚାୟକ ଯେ ରାଷ୍ଟ୍ରବାଦ ର ଦମ୍‌ରେ ଶହ ଶହ ଛୋଟ ଛୋଟ ରାଜ୍ୟରେ ବାଟିଂ ହୋଇଥିବା ଭାରତକୁ ଏକଜୁଟ କରାଯାଇପାରିଛି। ଏହାର ଆଧାରରେ ସ୍ୱାଧିନତା ଆନ୍ଦୋଳନ ହୋଇଛି ଓ ଦେଶ ମଧ୍ୟ ସ୍ୱାଧିନ ହୋଇଛି। ଏପରିକି ଦେଶ ସ୍ୱାଧିନ ହେବାପରେ ଦେଶରେ ଥିବା ବହୁଳତାବାଦୀ ସମାଜକୁ ରାଜନୈତିକ ଚାପରେ ଏକଜୁଟ କରାଯାଇପାରିଛି। କିନ୍ତୁ ଏହା ହେଉଛି ଗୋଟିଏ ପାର୍ଶ୍ୱ। ଏକଥା ମଧ୍ୟ ସତ୍ୟ ଯେ ଏହି ରାଷ୍ଟ୍ରବାଦ ନାମରେ ହିଟଲର ସାମ୍ରାଜ୍ୟବାଦର ଖେଳ ଖେଳିଥିଲେ ଏବଂ ଲକ୍ଷ ଲକ୍ଷ ଇହୁଦୀଙ୍କୁ ହତ୍ୟା କରିଥିଲେ। ରାଷ୍ଟ୍ରବାଦ ଏକ ଦୁଇପଟରେ ଧାରଥିବା ଖଣ୍ଡା ବୋଲି କହିବାକୁ ହେବ ଯାହାର ଗୋଟିଏ ପଟ ଉତ୍କଟ ନିଷ୍ଠାକୁ ଜନ୍ମ ଦେଇଥାଏ ଓ ଅପର ପଟଟି ବିଦ୍ୱେଶ ଭାବ ସୃଷ୍ଟି କରାଇଥାଏ। ସ୍ପଷ୍ଟ ଅର୍ଥ ହେଉଛି ଶାସକ ଚାହିଁଲେ ଜନତାଙ୍କ ହିତ ସାଧନ ପାଇଁ ଏହାର ସଦୁପଯୋଗ କରିପାରିବେ ନହେଲେ ନିଜର ସ୍ୱାର୍ଥ ସାଧନ ପାଇଁ ଏହାର ଦୁରୁପଯୋଗ ମଧ୍ୟ କରିପାରିବେ। ଏଣୁ ଏହି ଶବ୍ଦ ବା ବିଚାରକୁ ଗଭୀର ଭାବେ ବୁଝିବାର ଆବଶ୍ୟକତା ରହିଛି। ରାଷ୍ଟ୍ରବାଦର ଉତ୍ପତ୍ତି 'ରାଷ୍ଟ୍ର' ଶବ୍ଦରୁ ହୋଇଛି। ରାଷ୍ଟ୍ରର ଅବଧାରଣା ମଧ୍ୟ ଅଧିକ ପୁରୁଣା ନୁହେଁ। ଏହା ଏକ ଆଧୁନିକ ସଂକଳ୍ପନା, କିନ୍ତୁ ଖୁବ୍ କମ୍ ସମୟ ମଧ୍ୟରେ ବିଶ୍ୱ ସମୁଦାୟ ଏହି ଶବ୍ଦକୁ ଗ୍ରହଣ କରିନେଇଛି। ରାଷ୍ଟ୍ରର ଅର୍ଥ ହେଉଛି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ରହୁଥିବା ଲୋକଙ୍କର ଏମିତି ଏକ ଗୋଷ୍ଠୀ ଯେଉଁମାନଙ୍କର ଜାତି ଗୋଟିଏ, ଇତିହାସ ମଧ୍ୟ ଗୋଟିଏ, ସଂସ୍କୃତି ଗୋଟିଏ ଏବଂ ଭାଷା ମଧ୍ୟ ଗୋଟିଏ। ଧର୍ମକୁ ରାଷ୍ଟ୍ରର ବୁନିଆଦି ଆଧାର ବୋଲି ମାନ୍ୟତା ଦିଆଯାଇନାହିଁ। ତଥାପି ଏହି ଆଧାରରେ ରାଷ୍ଟ୍ରର ନିର୍ମାଣ ମଧ୍ୟ ହୋଇଛି। ଭାରତର ବିଭାଜନ କଥାରୁ ଏକଥା ସ୍ପଷ୍ଟ। ପ୍ରଶ୍ନ ଉଠିପାରେ ଯେ ଯଦି ଜାତି, ଇତିହାସ, ସଂସ୍କୃତି ଏବଂ ଭାଷାର ସମନ୍ୱୟରେ ରାଷ୍ଟ୍ର ନିର୍ମାଣ ହୋଇଥାଏ ତେବେ ରାଷ୍ଟ୍ରକୁ ସବୁବେଳେ ଏକଜୁଟ ରଖିବାରେ ଏସବୁ ମାନଙ୍କ ସଫଳ ହୁଏ ନାହିଁ କାହିଁକି ? ଅନ୍ୟପକ୍ଷରେ ଭାରତ ସମେତ ଅନେକ ଏମିତି ରାଷ୍ଟ୍ର ରହିଛି ଯେଉଁ ସବୁ ରାଷ୍ଟ୍ରରେ ଅନେକ ଭାଷା-ଭାଷି, ଜାତି ଓ ଧର୍ମାବଲମ୍ବୀ ରହୁଛନ୍ତି ତଥାପି ଦେଶ ଏକଜୁଟ ହୋଇରହିଛି। ତେବେ କେଉଁ କାରଣ ପାଇଁ ଏମାନେ ରାଷ୍ଟ୍ର ରୁପରେ ଏକଜୁଟ ହୋଇରହିଛନ୍ତି ? କଥା ହେଉଛି, ରାଷ୍ଟ୍ର ଏକ କାଳ୍ପନିକ ସମୁଦାୟ, ଯିଏ ନିଜର ସଦସ୍ୟମାନଙ୍କ ସାମୁହିକ ବିଶ୍ୱାସ, ଆକାଂକ୍ଷା, କଳ୍ପନା ଏବଂ ଅତୀତକୁ ନେଇ ଗୋଟିଏ ସୂତ୍ରରେ ବନ୍ଧା ହୋଇଥାଏ। ରାଷ୍ଟ୍ରବାଦ ଭାରତୀୟ ଚିନ୍ତନର ଉତ୍ପତ୍ତି ନୁହେଁ। ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦି ମଧ୍ୟରେ ୟୁରୋପରେ ଏହି ରାଷ୍ଟ୍ରବାଦ ବିଚାରର ଉତ୍ପତି ହୋଇଥିଲା। ଜନ୍ ଗଟଫ୍ରେଡ଼ ହର୍ଡର ହେଉଛନ୍ତି ରାଷ୍ଟ୍ରବାଦ ବିଚାରର ଜନକ ଯିଏ ସର୍ବପ୍ରଥମେ ଏହି ଶବ୍ଦର ପ୍ରୟୋଗ କରି ଜର୍ମାନୀରେ ରାଷ୍ଟ୍ରବାଦର ମୂଳଦୁଆ ପକାଇଥିଲେ। ରାଷ୍ଟ୍ରବାଦ ଶବ୍ଦର ସ୍ପଷ୍ଟ ପରିଭାଷା ମଧ୍ୟ ପ୍ରସ୍ତୁତ କରାଯାଇପାରି ନାହିଁ। ଅନେକଙ୍କ ମତରେ ରାଷ୍ଟ୍ରବାଦ ହେଉଛି ଲୋକଙ୍କର ଗୋଟିଏ ଗୋଷ୍ଠୀର ଆସ୍ଥାର ନାମ ଅଟେ ଯାହାକୁ ନେଇ ସେମାନେ ସମାନ ଇତିହାସ, ପରମ୍ପରା, ଭାଷା ଜାତିୟତା ବା ଜାତିବାଦ ଏବଂ ସଂସ୍କୃତିର ଆଧାରରେ ଏକଜୁଟ ହୋଇଥାନ୍ତି। ପ୍ରଫେସର ସ୍ନାଇଡ଼ରଙ୍କ ମତରେ ଇତିହାସର ଏକ ବିଶେଷ ପର୍ଯ୍ୟାୟରେ ରାଜନୈତିକ, ଆର୍ଥୀକ, ସାମାଜିକ ଓ ବୌଦ୍ଧିକ କାରଣର ଏକ ଉତ୍ପାଦ ହେଉଛି ରାଷ୍ଟ୍ରବାଦ। ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କର ରାଷ୍ଟ୍ରବାଦ ପ୍ରସଙ୍ଗରେ ଚିନ୍ତନ ବ୍ୟାପକ ଅଟେ। ସେ ମଧ୍ୟ ଅନେକ ସମୟରେ ଓ ସାର୍ବଜନିକ ମଂଚରେ ରାଷ୍ଟ୍ରବାଦ ପ୍ରସଙ୍ଗରେ ତାଙ୍କ ମତ ରଖିଛନ୍ତି। ତାଙ୍କ ମତକୁ ଅନେକେ ସମାଲୋଚନା ମଧ୍ୟ କରିଛନ୍ତି କିନ୍ତୁ ସେ ତାଙ୍କ ମତରୁ ଓହରି ନଥିଲେ। ସମ୍ଭବତଃ ବିଶ୍ୱକବି ରାଷ୍ଟ୍ରବାଦ ର କୁପରିଣାମ ସମ୍ପର୍କରେ ଆକଳନ କରିପାରିଥିଲେ। ୧୯୧୭ ମସିହାରେ ଏକ ସାର୍ବଜନିକ ମଂଚରେ ଭାଷଣ ଦେଇ ବିଶ୍ୱକବି କହିଥିଲେ ଯେ "ରାଷ୍ଟ୍ରବାଦ ରାଜନୈତିକ, ଆର୍ଥୀକ ଏବଂ ସଂଗଠନାତ୍ମକ ଆଧାରରେ ଉତ୍ପାଦନ ବୃଦ୍ଧି ଏବଂ ମାନବୀୟ ଶ୍ରମର ସଂଚୟ କରି ଅଧିକ ସମ୍ପନ୍ନତା ହାସଲ କରିବାର ପ୍ରୟାସ ଅଟେ।" ରାଷ୍ଟ୍ରବାଦର ଧାରଣା ମୂଳତଃ ରାଷ୍ଟ୍ରର ସମୃଦ୍ଧି ଏବଂ ରାଜନୈତିକ ଶକ୍ତିବୃଦ୍ଧି ପାଇଁ ବ୍ୟବହାର କରାଯାଉଛି। ଶକ୍ତିବୃଦ୍ଧିର ଏହି ସଂକଳ୍ପନାରେ ଦେଶରେ ବା ରାଷ୍ଟ୍ରରେ ପରସ୍ପର ମଧ୍ୟରେ ଦ୍ୱେଷ, ଘୃଣା ଏବଂ ଭୟର ବାତାବରଣ ସୃଷ୍ଟି କରାଯାଇ ମାନବ ଜୀବନକୁ ଅସ୍ଥିର ଏବଂ ଅସୁରକ୍ଷିତ କରିଦିଆଯାଉଛି। ଏହାକୁ ସିଧାସଳଖ ଭାବରେ ମାନବ ଜୀବନ ସହିତ ଖେଳ ବୋଲି କୁହାଯାଇପାରେ। କାରଣ ରାଷ୍ଟ୍ରବାଦ ର ଏହି ଶକ୍ତିର ପ୍ରୟୋଗ ବାହ୍ୟ ଶକ୍ତିଙ୍କ ପାଇଁ ତ ବ୍ୟବହାର କରାଯାଏ ଏଥିସହ ରାଷ୍ଟ୍ରର ଆଭ୍ୟନ୍ତରୀଣ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଏହି ଶକ୍ତିର ପ୍ରୟୋଗ କରାଯାଇଥାଏ। ଏଭଳି ସ୍ଥିତିରେ ସମାଜ ଏବଂ ବ୍ୟକ୍ତିର ଜୀବନ ଉପରେ ଏହି ଶକ୍ତି ଭାରି ପଡ଼ିଯାଇଥାଏ ଓ ଏକ ଭୟାବହ ନିୟନ୍ତ୍ରଣକାରୀ ସ୍ୱରୁପ ଭାବେ ଉଭା ହୋଇଥାଏ। ଦୁର୍ବଳ ଏବଂ ଅସଂଗଠିତ ପଡ଼ୋଶୀ ରାଜ୍ୟକୁ ଅଧିକାର କରିବାର ଉଦ୍ୟମ ରାଷ୍ଟ୍ରବାଦର ହିଁ ସ୍ୱଭାବିକ ପ୍ରତିଫଳନ। ଏଥିରୁ ସୃଷ୍ଟ ସାମ୍ରାଜ୍ୟବାଦକୁ ଅନ୍ତତଃ ମାନବତା ର ସଂହାରକ ବୋଲି କୁହାଯାଇପାରେ। ଯେଉଁ ରାଷ୍ଟ୍ରବାଦକୁ ବିଶ୍ୱକବି ମାନବତା ପାଇଁ ବିପଦ ବୋଲି କହୁଥିଲେ ତାହା ଠିକ୍ ବୋଲି ପ୍ରମାଣିତ ହୋଇଥିଲା। ରାଷ୍ଟ୍ରବାଦ ନାମରେ ୧୯୩୯ ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ଏବଂ ୧୯୪୫ରେ ହିରୋସିମା ନାଗାସାକିରେ ବୋମା ମାଡ଼ ଏହାର ପ୍ରକୃଷ୍ଟ ଉଦାହରଣ। ବିଶ୍ୱକବି ଲେଖିଛନ୍ତି ଯେ, "ରାଷ୍ଟ୍ରବାଦ ଜନିତ ସଂକୀର୍ଣ୍ଣତା ମଣିଷର ପ୍ରାକୃତିକ ସ୍ୱଚ୍ଛନ୍ଦତା ଏବଂ ଆଧ୍ୟାତ୍ମିକ ବିକାଶରେ ବାଧା ସୃଷ୍ଟି କରିଥାଏ। ଏଭଳି ରାଷ୍ଟ୍ରବାଦ ଯୁଦ୍ଧ ଉନ୍ମାଦକ ଏବଂ ସମାଜ ବିରୋଧି ହୋଇଥାଏ କାରଣ ରାଷ୍ଟ୍ରବାଦ ନାମରେ ଶାସକ ଶକ୍ତିର ଅନିୟନ୍ତ୍ରିତ ପ୍ରୟୋଗ କରିଥାନ୍ତି ଯେଉଁଥିପାଇଁ ଅନେକ ଅପରାଧ ଜନ୍ମ ନେଇଥାଏ।" ରାଷ୍ଟ୍ରବାଦ ଏବଂ ଦେଶଭକ୍ତିକୁ ସାଧାରଣତଃ ସମାନ ଅର୍ଥରେ ନିଆଯାଇଥାଏ କିନ୍ତୁ ଏ ଦୁଇ ଶବ୍ଦର ଅର୍ଥରେ ପାର୍ଥକ୍ୟ ରହିଛି।

## ମୋଦୀ ମନ୍ତ୍ର : ଜନସେବା

'ସେବା ପକ୍ଷ'ର ଗୌରବମୟ ସମୟରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କର ପୁଣି ଓଡ଼ିଶା ଆଗମନ ଆମ ପାଇଁ ସମ୍ମାନ ଓ ସ୍ୱୀକୃତିର ଦିନ। ସାଢ଼େ ଚାରି କୋଟି ଓଡ଼ିଆଙ୍କ ତରଫରୁ ମୁଁ ଏହି ମହାନ ବିଭୂତିଙ୍କର ଜନ୍ମଦିନ ଅବସରରେ ସେବା ମାଧ୍ୟମରେ ପାଳନର ମହାନ ପରମ୍ପରାରେ ସାମିଲ ହୋଇଥିବା ଆପଣମାନଙ୍କ ତରଫରୁ ମୋଦୀଜୀଙ୍କୁ ସ୍ୱାଗତ କରୁଛି। ମହାପ୍ରଭୁ ଜଗନ୍ନାଥ, ମା' ସମଲେଇ ତଥା ଓଡ଼ିଶାର ଏହି ପୁଣ୍ୟ ଭୂମିର ଆଶୀର୍ବାଦ ତାଙ୍କୁ ଦୀର୍ଘ, ନିରାମୟ ତଥା ଦେଶ ଓ ଦେଶବାସୀଙ୍କ ସେବା ପାଇଁ ଆହୁରି କର୍ମଠ କରୁ ଏହି ଦିନରେ ମୋର ଏତିକି ପ୍ରାର୍ଥନା। ରାଜ୍ୟରେ ବିଜେପି ସରକାର କାର୍ଯ୍ୟଭାର ଗ୍ରହଣ କରିବା ଅର୍ଥାତ୍ ? ନୂଆ ମନ୍ତ୍ରିମଣ୍ଡଳ ଶପଥ ଦିନ ଓଡ଼ିଶା ଗସ୍ତଠାରୁ ଆଜି ଝାରସୁଗୁଡ଼ା ଗସ୍ତକୁ ହିସାବ କଲେ ଏହା ତାଙ୍କର ସପ୍ତମ ଓଡ଼ିଶା ଗସ୍ତ। ଏହା ସତ ଯେ ଦେଶ ସ୍ୱାଧୀନତାଠାରୁ ଦେଶରେ ଯେତେ ପ୍ରଧାନମନ୍ତ୍ରୀ ହୋଇଛନ୍ତି ସେମାନେ ସମସ୍ତେ ମିଶି ଓଡ଼ିଶାକୁ ଯେତେଥର ଆସିଛନ୍ତି ମୋଦୀ ତାଙ୍କର କାର୍ଯ୍ୟକାଳରେ ତା'ଠାରୁ ଅଧିକ ଥର ଆମ ରାଜ୍ୟ ଗସ୍ତ କରି ସାରିଲେଣି। ଏହା ଏହି ରାଜ୍ୟକୁ, ରାଜ୍ୟବାସୀଙ୍କୁ ତାଙ୍କ ହୃଦୟର ନିଭୃତତମ କୋଣରୁ ଭଲ ପାଇବା ବିନା ସମ୍ଭବ ନୁହେଁ। ଆଜି ମୋଦୀଜୀ ଝାରସୁଗୁଡ଼ାରେ 'ଯୁବ ସମାବେଶ'କୁ ସମ୍ବୋଧିତ କରିବେ ଏବଂ ଅନେକ ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଓଡ଼ିଶା ଓ ଓଡ଼ିଶାବାସୀଙ୍କୁ ଏତେ ଭଲ ପାଉଥିବା ଓଡ଼ିଶାର ଏହି ମହାନ୍ ଦରଦୀ ବନ୍ଧୁଙ୍କୁ ପୁଣି ଥରେ ହୃଦୟରୁ ସ୍ୱାଗତ କରୁଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଜନ୍ମଦିନ ୧୭ ସେପ୍ଟେମ୍ବରରୁ ୧୫ ଦିନ ପର୍ଯ୍ୟନ୍ତ ଆମେ ସେବା ପକ୍ଷ ପାଳନ କରିବା ପଛରେ ଭାରତୀୟ ଜନତା ପାର୍ଟିର ରାଜନୈତିକ ସିଦ୍ଧାନ୍ତର ପ୍ରତିଫଳନ, ମାତ୍ର ଆମେ ବିଜେପିର କାର୍ଯ୍ୟକର୍ତ୍ତାମାନଙ୍କ ପାଇଁ ରାଜନୀତି କ୍ଷମତା କୈନ୍ଦ୍ରିକ ନୁହେଁ। ବିଜେପି ଏବଂ ଏହାର ମୂଳ ଦଳ ଜନସଂଘ ଲାଗି ଆରମ୍ଭରୁ ରାଜନୀତିର ପୃଷ୍ଠଭୂମି ଲୋକ କଲ୍ୟାଣ। ସେବା ପକ୍ଷ ମୋଦୀଜୀଙ୍କ ଜନ୍ମଦିନ ୧୭ ସେପ୍ ?ଟେମ୍ବରରୁ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତ ୨ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ ସତ, ମାତ୍ର ବର୍ଷର ୩୬୫ ଦିନ ଆମ ପାଇଁ ରାଜନୀତି ସେବା ଓ ସମର୍ପଣର ଦିନ। ଏହି ୧୫ ଦିନରେ ପ୍ରତ୍ୟକ୍ଷ ଭାବରେ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ଜନସାଧାରଣଙ୍କୁ ଭାଗୀଦାର କରିବା ମୂଳ ଉଦ୍ଦେଶ୍ୟ। ମୁଁ ଅତ୍ୟନ୍ତ ଆନନ୍ଦିତ ମୋଦୀଜୀଙ୍କ ଜନ୍ମଦିନ ୧୭ ସେପ୍ଟେମ୍ବରର ଅବ୍ୟବହିତ ପୂର୍ବରୁ ମା' ପାଇଁ ଗଛଟିଏ ଅଭିଯାନରେ ୭୫ ଲକ୍ଷ ବୃକ୍ଷରୋପଣ ପାଇଁ ମୁଁ ଅନୁରୋଧ କରିଥିଲି। ମୋ ରାଜ୍ୟବାସୀ ଏହି ଦିନ ଦେଢ଼ କୋଟି ଗଛ ଲଗାଇଥିବା ନିର୍ଦ୍ଧାରିତ ଆପ୍ ମାଧ୍ୟମରେ ଅପଲୋଡ୍ କରିବା ଏକ ନୂଆ ରେକର୍ଡ ସୃଷ୍ଟି କରିଥିଲେ। ଆପ୍‌ରେ ଅପଲୋଡ୍ କରିବା ବାହାରେ ଆହୁରି ହଜାର ହଜାର ଓଡ଼ିଆ ଜନତା ବୃକ୍ଷରୋପଣ କରିଥିବାର ଖବର ମୋ ପାଖରେ ଅଛି। ଏହା ତ ଓଡ଼ିଶାବାସୀଙ୍କର ମୋଦୀଜୀଙ୍କ ପ୍ରତି ଥିବା ଅଖଣ୍ଡ ଭଲ ପାଇବାର ପ୍ରମାଣ। ଏହି ଭଲ ପାଇବା ଦୀର୍ଘସ୍ଥାୟୀ ହେଉ, ଆଜି ମୋଦୀଜୀଙ୍କ ଓଡ଼ିଶା ଆଗମନ ଦିନରେ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା। ମୋଦୀଜୀଙ୍କ ଦୃଢ଼ ନେତୃତ୍ୱ କାରଣରୁ ଓଡ଼ିଶାର ପ୍ରଗତି ଅଧିକ ଗତିଶୀଳ ହୋଇଛି। ୨୦୧୪ରୁ ୨୦୨୫ ମୋଦୀଜୀଙ୍କ ୧୧ ବର୍ଷର ଶାସନରେ ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ପାଇଁ ମୋଦୀଜୀଙ୍କ ଦୁଆର ଖୋଲା। କେମିତି ଓ କ'ଣ କ'ଣ ଓଡ଼ିଶା ଲାଭ ପାଇଲା ଏହାର ବିବରଣୀ ଆପଣମାନଙ୍କ ସମ୍ମୁଖରେ ରଖିବା ପାଇଁ ମୁଁ ଏହି ଆଲେଖ୍ୟ ଲେଖୁନାହିଁ। ଆପଣମାନଙ୍କ ଆଶୀର୍ବାଦରେ ରାଜ୍ୟରେ ବିଜେପି ସରକାର ଗଠନ ହେଲା ଓ ମୁଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଲି। ବିଜେପିର କାର୍ଯ୍ୟକର୍ତ୍ତା ଓ ବିଧାୟକ ଭାବରେ ଅନେକ ଥର ମୋଦୀଜୀଙ୍କ ସାନ୍ନିଧ୍ୟ ଲାଭ କରିଥିଲି। ମାତ୍ର ମୁଖ୍ୟମନ୍ତ୍ରୀ ହେବା ପରେ ମୋଦୀଜୀଙ୍କ ସହ ସମ୍ପର୍କର ନିବିଡ଼ତା ସହ ସିଧାସଳଖ ତାଙ୍କରି ମାର୍ଗଦର୍ଶନ ଓ ରୋଡ୍ ମ୍ୟାପ୍ ଆଧାରରେ ଓଡ଼ିଶାର ବିକାଶ ରଥକୁ ଦ୍ରୁତ ଗତିରେ ଆଗେଇ ନେବାର ଭୂମିକା ମୋତେ ମୋଦୀଜୀଙ୍କ ବ୍ୟକ୍ତିତ୍ୱ ନେଇ ଅନେକ ସମୟରେ ଅନ୍ତର୍ମୁଖୀ କରିଛି। ମୋତେ ଓ ମୋ ସରକାରକୁ ସମୟ ଓ ବିକାଶର କଷଟି ପଥରରେ ମାପିବାକୁ ବାରମ୍ବାର ଚେଷ୍ଟା କରିଛି। ଯେତେଥର ଆତ୍ମସମୀକ୍ଷା କରିଛି, ମୋଦୀଜୀଙ୍କ ମାର୍ଗଦର୍ଶନକୁ ବ୍ୟାଖ୍ୟା କରିଛି ସେତେଥର ମୋତେ ଜନସେବାର ନୂଆ ନୂଆ ରାସ୍ତା ଦେଖା ଯାଇଛି। ଆହୁରି ଯୋଜନାବଦ୍ଧ ଉଦ୍ୟମ ଓ କଠିନ ପରିଶ୍ରମ କରିବା ପାଇଁ ପ୍ରେରଣା ମିଳିଛି। ମୋର ମନେ ଅଛି ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ମୋଦୀଜୀ ଗୁଜରାଟର ନର୍ମଦା ନଦୀ କୂଳେ କେବଡ଼ିଆଠାରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ବିଶ୍ୱର ସର୍ବୋଚ୍ଚ ମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି କଲେ। ଦେଶର ଅନନ୍ୟ କିଷାନ ନେତା ସର୍ଦ୍ଦାର ପଟେଲଙ୍କର ବିଶାଳ ଲୌହ ଅବୟବ ନିର୍ମାଣ ପାଇଁ ସାରା ଦେଶକୁ ସାମିଲ କରିବା ପାଇଁ ଦଳୀୟ କାର୍ଯ୍ୟକର୍ତ୍ତା ଓ ଦେଶର ସାଧାରଣ ଜନତାଙ୍କୁ ଆହ୍ୱାନ ଦେଲେ। ସେ ଅନୁରୋଧ କଲେ ଦେଶର ପ୍ରତି ପରିବାରରୁ ଲୁହା ସଂଗ୍ରହ କରିବାକୁ। ବିଶେଷ ଭାବରେ ଚାଷ କାମରେ ବ୍ୟବହୃତ ହୋଇଥିବା ହଳ-ଲଙ୍ଗଳ ବା ଅନ୍ୟ ଲୁହା ଉପକରଣ ଦାନ କରିବାକୁ ଆହ୍ୱାନ ଜଣାଇଲେ। ବିଜେପିର କାର୍ଯ୍ୟକର୍ତ୍ତା ଭାବରେ ଆମେ ଆମ ଅଂଚଳ ବୁଲି ଲୁହା ଖଣ୍ଡ ସବୁ ସଂଗ୍ରହ କଲୁ। ଘରକୁ ଘର ବୁଲି ମୋଦୀଜୀଙ୍କ ଆହ୍ୱାନ, ସର୍ଦ୍ଦାର ପଟେଲଙ୍କର ଦେଶକୁ ଅଖଣ୍ଡ ରଖିବାର ଭାବନା ଏବଂ ଭବିଷ୍ୟତ ଭାରତ କଥା ଆଲୋଚନା କଲାବେଳେ ସାଧାରଣ ପରିବାରମାନଙ୍କର ଏକ ରାଷ୍ଟ୍ରୀୟ ଆନ୍ଦୋଳନରେ ସାମିଲ ହେବା ଖୁସିକୁ ସେତବେଳେ ମନେ ମନେ ଅନୁଭବ କରୁଥିଲୁ। ହୃଦୟଙ୍ଗମ ହେଉଥିଲା ମୋଦୀଙ୍କ ଭଳି ଜଣେ ବ୍ୟକ୍ତିତ୍ୱ କେବଳ ସଫଳତାର ନାୟକ ନୁହନ୍ତି, ଜନ ଭାଗୀଦାରି ତାଙ୍କ କାର୍ଯ୍ୟ ପଦ୍ଧତିର ଅବିଚ୍ଛେଦ୍ୟ ଅଙ୍ଗ। ଭାରତୀୟ ସମାଜ ଜୀବନରେ ଆଉ ଦୁଇ ବିଭୂତି ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନ ଦର୍ଶନ ସହ ମୋଦୀଜୀଙ୍କ ବିଚାରରେ ସମାନତାକୁ ମୁଁ ଅନୁଭବ କରୁଛି। ଗାନ୍ଧୀଜୀ ଦେଶର ସ୍ୱାଧୀନତା ସଂଗ୍ରାମକୁ ଖାଲି ବ୍ରିଟିସ ସାଙ୍ଗରେ ଅସହଯୋଗରେ ସୀମିତ ରଖି ନଥିଲେ। ଅସହଯୋଗ ଆନ୍ଦୋଳନ ସଫଳତା ପଛରେ ତାଙ୍କର ଜନ ଭାଗୀଦାରି ପାଇଁ ସୁଦୂରପ୍ରସାରୀ ଚିନ୍ତା, ଯୋଜନା ଓ ସଫଳ କ୍ରିୟାନ୍ୱୟନ ସ୍ପଷ୍ଟ ଦେଖାଯାଉଛି। କୁଟି ଖାଅ-କାଟି ପିନ୍ଧ, ଲବଣ ସତ୍ୟାଗ୍ରହ ଆଦି ପଛରେ ଲୋକଙ୍କୁ ଆନ୍ଦୋଳନ ସହ ଯୋଡ଼ିବା ହିଁ ତ ଥିଲା ମୂଳ ଉଦ୍ଦେଶ୍ୟ। ଶାସ୍ତ୍ରୀଜୀଙ୍କ ନେତୃତ୍ୱରେ ଦେଶ ଲଢୁଥିଲା ବିଦେଶୀ ଶକ୍ତି ସହ ସାମରିକ ଓ କୂଟନୈତିକ ଯୁଦ୍ଧ। ମାତ୍ର ଦେଶର ଖାଦ୍ୟାନ୍ନ ଅଭାବକୁ ସାମନା କରିବା ପାଇଁ ସପ୍ତାହରେ ଗୋଟିଏ ଓଳିର ଆହାର ତ୍ୟାଗ କରି ଉପବାସ ରହିବା ପାଇଁ ଆହ୍ୱାନ ଦେଶରେ ନୂଆ ଜାଗରଣର ଲହରି ଆଣିଥିଲା। ଆଜି ଯେତେବେଳେ ଆମେ ମୋଦୀଜୀଙ୍କ ୧୧ ବର୍ଷର କାର୍ଯ୍ୟକାଳକୁ ଦେଶର ସାଧାରଣ ଜନତା ଭାବରେ ସମୀକ୍ଷା କରୁଛୁ ସେତେବେଳେ ତାଙ୍କର ଜନ ଭାଗୀଦାରି ମାଧ୍ୟମରେ ଜନ ଆନ୍ଦୋଳନ ତିଆରି ବିକାଶକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିବାରେ ମୂଳ ମନ୍ତ୍ର ହୋଇଛି। ମୋଦୀଜୀ ନିଜ ପ୍ରଧାନମନ୍ତ୍ରିତ୍ୱର ପ୍ରାରମ୍ଭିକ ବର୍ଷରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ କଲେ। ସେତେବେଳର ତାଙ୍କର ପ୍ରମୁଖ ସଚିବ ନୃପେନ୍ଦ୍ର ମିଶ୍ରଙ୍କର ଅଳ୍ପ ଦିନ ତଳର ଏକ ଟିଭି ସାକ୍ଷାତ୍‌କାର ଦେଖିଥିଲି। ମୋଦୀଜୀଙ୍କର ଜନତାଙ୍କ ସମସ୍ୟାର ଅନୁଭବ ଓ ପ୍ରଶାସନିକ କଳକୁ ମାର୍ଗଦର୍ଶନର ପ୍ରସଙ୍ଗରେ ନୃପେନ୍ଦ୍ର ମିଶ୍ରଙ୍କ ବ୍ୟାଖ୍ୟା ଆମ ଭଳି ନୂଆ ପିଢ଼ିର ରାଜନେତାଙ୍କୁ ଆତ୍ମସମୀକ୍ଷା କରିବାକୁ ବାଧ୍ୟ କରୁଛି। ଲାଲକିଲ୍ଲାରୁ ଶୌଚାଳୟ ପ୍ରସଙ୍ଗ ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ସାମିଲ ହେବା ପ୍ରଶାସନିକ ବ୍ୟବସ୍ଥାକୁ ନୂଆ ନୂଆ ଲାଗୁଥିଲା। କିନ୍ତୁ ଲାଲକିଲ୍ଲାରୁ ୨୦୧୪ ଅଗଷ୍ଟ ୧୫ ଭାଷଣରେ ମୋଦୀଜୀଙ୍କୁ ଏହା ସବୁଠୁ ବଡ଼ ଲାଗୁଥିଲା। ମୋଦୀଜୀ ଯେତେବେଳେ ରାସ୍ତାରୁ କାଗଜ ଉଠାଇ ନିଜ ପକେଟରେ ରଖୁଛନ୍ତି ସ୍ୱଚ୍ଛତା ଜନଆନ୍ଦୋଳନରେ ନୂଆ ଉତ୍ସାହ ଯୋଡ଼ି ହେଉଛି। ଆଣ୍ଡାମାନର ସମୁଦ୍ର କୂଳରେ ଯେତେବେଳେ ନିଜେ ବୁଲି ଭାରତର ପର୍ଯ୍ୟଟନ ବିକାଶ ମାଧ୍ୟମରେ ଅର୍ଥନୀତିକୁ ଦୃଢ଼ କରିବା ପାଇଁ ବାର୍ତ୍ତା ଦେଉଛନ୍ତି ତାହା ଜନଆନ୍ଦୋଳନ ହେଉଛି। ଯେତେବେଳେ 'ଦେଖୋ ଅପନା ଦେଶ' ସନ୍ଦେଶ ଦେଉଛନ୍ତି ସେତେବେଳେ ଦେଶର ପର୍ଯ୍ୟଟନ କ୍ଷେତ୍ରରେ ଭିଡ଼ ଲାଗି ଯାଉଛି। ଖଦି ପିନ୍ଧିବାର ଆହ୍ୱାନ, ଦେଶରେ ନୂଆ ବାତାବରଣ ସୃଷ୍ଟି କରୁଛି। ସମୟ ମିଳିଲେ ୟୁଟ୍ୟୁବ୍ ଖୋଲି ମୋ ପସନ୍ଦର ବ୍ୟକ୍ତିମାନଙ୍କର ସାକ୍ଷାତ୍‌କାର ଦେଖିବାକୁ ମୋତେ ଭଲ ଲାଗେ। ନିକଟରେ ଏକ ଜାତୀୟ ଟିଭି ଚ୍ୟାନେଲର ୩ ଜଣ ଆଙ୍କର୍ ମୋଦୀଜୀଙ୍କ ସାକ୍ଷାତ୍‌କାର କରୁଥିଲେ। ସେମାନଙ୍କର ପ୍ରଶ୍ନ ଥିଲା ଆପଣ ଦେଶବାସୀଙ୍କ ମନ ଉପରେ କବଜା କରିଦେଇଛନ୍ତି। ମୋଦୀଜୀ ନମ୍ରତାର ସହ ଉତର ଦେଇଥିଲେ ଜନମନକୁ ଯିଏ କବଜା କରିବାର ଦୁଃସାହସ କରିବ ସିଏ ଶେଷ ହୋଇଯିବ। ଜନମନକୁ ବୁଝିବା ଦରକାର, ଜନମନର ବିଚାର ଓ ଆମର ବିଚାର ମଧ୍ୟରେ ଥିବା ଦୂରତାକୁ ବୁଝିବା ଏବଂ ଏହି ଦୂରତାକୁ ଦୂର କରି ଜନମନର ଇଚ୍ଛାକୁ ସମ୍ମାନ ଦେଇ ସେମାନଙ୍କ ପାଖକୁ ଗଲେ ସେମାନେ ଖୋଲା ମନରେ ଖାଲି ସ୍ୱୀକାର କରନ୍ତିନି ବରଂ ଏଥିରେ ଖୁସିରେ ସାମିଲ ହୋଇଯାଆନ୍ତି। ଲାଲକିଲ୍ଲାରୁ ଶୌଚାଳୟ ଆନ୍ଦୋଳନର କଥା ହେଉ, କୁମ୍ଭ ମେଳାରେ ସଫେଇ କର୍ମଚାରୀଙ୍କ ପାଦ ଧୋଇବା ହେଉ, ଜନମାନସରେ ଏକ ସକାରାତ୍ମକ ଭାବନା ତିଆରି କରୁଛି। ଜନଧନ ବ୍ୟାଙ୍କ ଖାତା ଖୋଲିବା ହେଉ ଅଥବା ଦେଶର ମେହନତୀ ମଣିଷ ପାଇଁ ମୁଦ୍ରା ଲୋନ୍, ଏସବୁ ଦେଶର ଗରିବ ଓ ଉପେକ୍ଷିତ ଲୋକଙ୍କୁ ବିକାଶର କେନ୍ଦ୍ରକୁ ଆଣି ପାରିଛି। ମୋଦୀଜୀ ଆମ ରାଜ୍ୟରେ ବିକାଶ ପାଇଁ ନୂଆ ସୁଯୋଗ ତିଆରି କରିଛନ୍ତି। ୟୁପିଏ ଶେଷ ୫ ବର୍ଷରେ ଆମ ରାଜ୍ୟର ରେଳବାଇ ପାଇଁ ବର୍ଷକୁ ହାରାହାରି ୮୩୮ କୋଟି ଟଙ୍କା ଆସୁଥିଲା। ଦେଶର ଶେଷ ରେଳ ବଜେଟରେ ମୋଦୀଜୀ ଓ ଅଶ୍ୱିନୀ ବୈଷ୍ଣବ ୧୦ ହଜାର ୫୯୯ କୋଟି ଅର୍ଥାତ୍ ୧୨.୬ ଗୁଣ ଅଧିକ ଅର୍ଥ ପ୍ରଦାନ କରିଛନ୍ତି। ରାଜ୍ୟରେ ଏବେ ୮୦ ହଜାର କୋଟିରୁ ଅଧିକ ଟଙ୍କାର ରେଳ ପ୍ରକଳ୍ପ ଚାଲିଛି। ୧୨ ହଜାର କୋଟିରୁ ଅଧିକ ଟଙ୍କାର ସଡ଼କ ପ୍ରକଳ୍ପ ନିର୍ମାଣ ଚାଲିଛି। ରାଜ୍ୟରେ ଫିଜିକାଲ ଇନଫ୍ରାଷ୍ଟ୍ରକ୍ଟର୍ ହେଉ ବା ସୋସିଆଲ ଇନଫ୍ରାଷ୍ଟ୍ରକ୍ଟର ମୋଦୀଜୀଙ୍କ ସମୟ ଓଡ଼ିଶା ପାଇଁ ସୁବର୍ଣ୍ଣ ଯୁଗ। ମୋଦୀଜୀଙ୍କୁ ସ୍ୱାଗତ କରିବା ସମୟରେ ଗୋଟିଏ କଥା କହିବି, ଆମ ପାଖରେ ଅମାପ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ଅଜସ୍ର ଜଳ ସମ୍ପଦ, ଜଙ୍ଗଲ ସମ୍ପଦ ତଥା ପରିଶ୍ରମୀ ଓ ବୁଦ୍ଧିମାନ ମାନବ ସମ୍ବଳ ଅଛନ୍ତି, ଯାହା ଭାରତର ଅନ୍ୟ କୌଣସି ରାଜ୍ୟ ପାଖରେ ନାହିଁ। ଓଡ଼ିଶା ଧନୀ ମାତ୍ର ଓଡ଼ିଆ ଗରିବ। ଆମକୁ ଏହି ଅପମାନଦାୟକ ପରିସ୍ଥିତିରୁ ବାହାରିବାକୁ ପଡ଼ିବ। ଖାଲି ଓଡ଼ିଶା ଧନୀ ନୁହେଁ ଓଡ଼ିଶାବାସୀ ବି ସମ୍ପନ୍ନ- ଏହା ୨୦୩୬ ମସିହା ସୁଦ୍ଧା ଆମେ ସମ୍ଭବ କରି ଦେଖାଇ ପାରିବା। ମୋଦୀଜୀ ପ୍ରଧାନମନ୍ତ୍ରୀ ହେବାବେଳେ ଆମ ଦେଶ ବିଶ୍ୱର ୧୧ ନମ୍ବର ଅର୍ଥନୀତି ଥିଲା। ଏବେ ଆମେ ୪ ନମ୍ବରରେ। ଦେଶର ବିକାଶ ପଛରେ ରହିଛି ଦେଶବାସୀଙ୍କର ଦେଶର ନେତୃତ୍ୱ ଉପରେ ଅଖଣ୍ଡ ବିଶ୍ୱାସ ଓ ଆଗକୁ ବଢ଼ିବା ପାଇଁ ଆତ୍ମବିଶ୍ୱାସ। ମୋଦୀଜୀଙ୍କର ନେତୃତ୍ୱରେ ଡବଲ୍ ଇଞ୍ଜିନ୍ ସରକାର ଓଡ଼ିଶାର ଭାଗ୍ୟୋଦୟରେ ନିର୍ଣ୍ଣାୟକ ଭୂମିକା ନେବ। ଏହା ସମ୍ଭବ ହେବା ପଛରେ ମୋଦୀଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ପୂର୍ବୋଦୟ ବିଚାର ସହାୟକ ହେବ। ମୋଦୀଜୀଙ୍କ ଆଜି ଓଡ଼ିଶା ଆଗମନ ଓ ବିକଶିତ ଓଡ଼ିଶା ଗଠନ ପାଇଁ 'ଯୁବ ସମାବେଶ'ରେ ଯୋଗଦାନ ଅବସରରେ ତାଙ୍କୁ ସ୍ୱାଗତ କରିବା। ଏହା ସହ ଜନଭାଗୀଦାରି, ଗରିବ କଲ୍ୟାଣ ଓ ଦ୍ରୁତ ଆର୍ଥିକ ବିକାଶକୁ ସଫଳ କରିବା ପାଇଁ ଶପଥ ନେବା। ସାଢ଼େ ୪ କୋଟି ଓଡ଼ିଆଙ୍କ ଏହି ବିକାଶ ଯାତ୍ରାରେ ଡବଲ ଇଞ୍ଜିନ ସରକାର ଓ ମୁଁ ନିମିତ ମାତ୍ର। ଜୟ ଜଗନ୍ନାଥ।

## ତାରୁଣ୍ୟ ବଥ

ସମାଜବିଜ୍ଞାନୀମାନେ 'ଆରବ ବସନ୍ତ'ର କାରଣ ରୂପେ ବୁଆଜିଜିର ଫଳ ଝୁଡ଼ିର ବାଜ୍ୟାପ୍ତି ବା ଚାପୁଡ଼ା ମାଡ଼କୁ ଦେଖି ନ ଥାଆନ୍ତି; ସେମାନଙ୍କ ମତରେ ଟ୍ୟୁନିସିଆରେ ସେ ଦିନ ହତାଶା ଜର୍ଜର 'ତାରୁଣ୍ୟ ବଥ'ଟି ସୂଚ୍ୟଗ୍ର ସ୍ପର୍ଶ ମାତ୍ରକେ ଫାଟିଯାଇଥିଲା। ସେହି ବିଚାରରେ ଲଦାଖ ହିଂସାର ପ୍ରକୃତ କାରଣଟି କ'ଣ ହୋଇପାରେ ? ସୋନମ ୱାଙ୍ଗଚୁକଙ୍କ ଭାଷଣ ନା ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ନା ପାଚି ଜରଜର ହୋଇ ଯାଇଥିବା 'ତାରୁଣ୍ୟ ବଥ' ? ଗଲା ୨୬ ତାରିଖ ଦିନ ହିମାଳୟ କ୍ରୋଡ଼ାଶ୍ରିତ ଲଦାଖ ଅଂଚଳରେ ଏକ ବିକ୍ଷୋଭ ଅତର୍କିତ ଭାବେ ହିଂସାତ୍ମକ ହୋଇ ଉଠି ଜଳାପୋଡ଼ାରେ ଲିପ୍ତ ହେବା ଏବଂ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ସୁରକ୍ଷା କର୍ମୀଙ୍କ ଗୁଳି ମାଡ଼ରେ ୪ ଜଣଙ୍କ ପ୍ରାଣହାନି ଘଟିବା ଓ ୭୦ରୁ ଅଧିକ ଆହତ ହେବା ଭଳି ଘଟଣା ବିଭିନ୍ନ କାରଣରୁ ତୀବ୍ର ଚିନ୍ତା ଉଦ୍ରେକକାରୀ ହୋଇଥାଏ। ଏହି ଘଟଣା ଏକ କ୍ଷୁଦ୍ର ଅଂଚଳରେ ଘଟିଥିଲେ ମଧ୍ୟ ଅନେକ ପର୍ଯ୍ୟବେକ୍ଷକ ଏଥିରେ ବାଂଲାଦେଶ ବା ନେପାଳରେ ସଂଘଟିତ ହୋଇଯାଇଥିବା ଜନ ବିଦ୍ରୋହର ସାଦୃଶ୍ୟ ଲକ୍ଷ୍ୟ କରିଥାଆନ୍ତି। ପ୍ରକାଶ ଥାଉ କି ଲଦାଖର ଜୀବନ୍ତ ସ୍ମୃତିରେ ଏଭଳି ଏକ ଘଟଣାର ଦୃଷ୍ଟାନ୍ତ ନାହିଁ। ଏଭଳି ସ୍ଥିତିରେ ଏ ସଂଦର୍ଭରେ ଏକ ସମ୍ୟକ ଆଲୋଚନା ବିଶେଷ ପ୍ରାସଙ୍ଗିକ ଭଳି ମନେ ହୋଇଥାଏ। ପ୍ରଥମେ ସେହି ଚାରିଟି ଦାବି ଉପରେ ଦୃଷ୍ଟି ନିକ୍ଷେପ କରାଯାଉ ଯାହାର ପୂରଣ ଲକ୍ଷ୍ୟରେ ଗଲା ପାଂ ବର୍ଷ ଧରି ସୋନମ ୱାଙ୍ଗଚୁକଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲି ଆସିଥିଲା। ସେଗୁଡ଼ିକ ହେଲେ ଲଦାଖକୁ ରାଜ୍ୟ ମାନ୍ୟତା ପ୍ରଦାନ, ଏହି ଅଂଚଳକୁ ଷଷ୍ଠ ସିଡ୍ୟୁଲଭୁକ୍ତ କରିବା, ଚାକିରି ସୃଷ୍ଟି ସକାଶେ ରାଜ୍ୟ ପବ୍ଲିକ ସର୍ଭିସ କମିସନ ଢାଂଚାରେ ଏକ ଆୟୋଗର ଗଠନ ଏବଂ ସଂସଦୀୟ ପ୍ରତିନିଧିତ୍ୱରେ ବୃଦ୍ଧି। ପ୍ରକାଶ ଥାଉ କି ୨୦୧୯ ମସିହରେ ଧାରା ୩୭୦ର ଉଚ୍ଛେଦ ସହିତ ଏକ କେନ୍ଦ୍ର ଶାସିତ ଅଂଚଳରେ ପରିଣତ ହୋଇଥିବା ଲଦାଖରେ ସେହି ପ୍ରାରମ୍ଭିକ ଉତ୍ସାହ ମଉଳି ଯାଇଛି, ଯେତେବେଳେ ଏକ ଧାରଣା ଦୃଢ଼ମୂଳ ହେବାରେ ଲାଗିଛି ଯେ ଲଦାଖ ଠାରୁ ଦିଲ୍ଲୀର ଦୂରତ୍ୱ କେବଳ ଭୌଗୋଳିକ ନୁହେଁ, ମାନସିକ ମଧ୍ୟ ! ଦ୍ୱିତୀୟରେ, ୯୭% ଜନଜାତି ସଂବଳିତ ଲଦାଖୀ ସଂପ୍ରଦାୟ ଷଷ୍ଠ ସୂଚିରେ ଅନ୍ତର୍ଭୁକ୍ତ ହେବାର ଯୋଗ୍ୟତା ପୂରଣ କରିଥାଏ ବୋଲି ସେମାନଙ୍କ ଯୁକ୍ତି। ପ୍ରକାଶ ଥାଉ କି ଏହି ସିଡ୍ୟୁଲ ସେମାନଙ୍କୁ ଅଧିକ ରାଜନୈତିକ ଓ ଆର୍ଥିକ ସ୍ୱାୟନ୍ତତା ପ୍ରଦାନ କରିବ। ଲଦାଖୀମାନଙ୍କ ମଧ୍ୟରେ ସାକ୍ଷରଙ୍କ ହାର ଅତ୍ୟୁଚ୍ଚ ୯୭.୪% ହୋଇଥିବା ବେଳେ ସ୍ନାତକଙ୍କ ମଧ୍ୟରେ ନିଯୁକ୍ତିହୀନତାର ହାର ମଧ୍ୟ ଏକ ଉଚ୍ଚ ୨୬.୫%(ଜାତୀୟ ହାର ୧୩.୪%), ଯାହା ତୀବ୍ର ହତାଶାର କାରଣ ହୋଇ ଏକ ସ୍ୱତନ୍ତ୍ର ନିଯୁକ୍ତି ଆୟୋଗ ଲାଗି ହେଉଥିବା ଦାବିକୁ ବଳ ପ୍ରଦାନ କରିଥାଏ। ସେହିଭଳି ଏକ ସଂବେଦନଶୀଳ ସୀମାନ୍ତବର୍ତ୍ତୀ ଅଂଚଳ ହୋଇଥିବାରୁ ଲଦାଖର ସମସ୍ୟା ସଂସଦରେ ଶ୍ରୁତିଗୋଚର ହେବା ଲାଗି ଜଣେ ବଦଳରେ ଦୁଇ ଜଣ ସାଂସଦଙ୍କ ଆବଶ୍ୟକତା ରହିଛି ବୋଲି ସେମାନେ ମନେ କରନ୍ତି। ପର୍ଯ୍ୟବେକ୍ଷକମାନଙ୍କ ମତରେ ଏହି ସବୁ ଦାବି ପୂରଣରେ ସରକାରଙ୍କ ଟାଳଟୁଳ ସହିତ ଆଉ ଯାହା ଲଦାଖୀମାନଙ୍କୁ ଅସନ୍ତୁଷ୍ଟ କରିଥାଏ, ତାହା ହେଲା ପ୍ରଚୁର ସୂର୍ଯ୍ୟାଲୋକ ଦ୍ୱାରା ସ୍ନାତ ଲଦାଖର ବିସ୍ତୀର୍ଣ୍ଣ ଉନ୍ମୁକ୍ତ ଭୂଖଣ୍ଡକୁ ସୌର ଶକ୍ତି ଉତ୍ପାଦନ ଲାଗି ପୁଂଜିପତିମାନଙ୍କ ହାତକୁ ଟେକି ଦିଆଯିବା, ଯଦ୍ୱାରା, ସେମାନଙ୍କ ମତରେ, ଚାମରୀ ଗାଈଙ୍କ ଠାରୁ ଚାରଣ ଭୂମି ଅପହୃତ ହୋଇଯିବ ଏବଂ ଲଦାଖୀମାନଙ୍କ ମୂଳ ଜୀବିକା ଡୁବିଯିବ। ସୁତରାଂ, ସୋନମ ୱାଙ୍ଗଚୁକଙ୍କ ଆନ୍ଦୋଳନ ଲଦାଖୀମାନଙ୍କ ପରିଚୟ, ସଂସ୍କୃତି ଓ ବୃତିର ସୁରକ୍ଷା ଦିଗରେ ଅଭିପ୍ରେତ ହୋଇଥିବା ବେଳେ ଏହା ଅଚାନକ ହିଂସ୍ର ହୋଇ ଉଠିବା ଚିନ୍ତାର କାରଣ ଏବଂ ନିନ୍ଦନୀୟ ମଧ୍ୟ ! ତେବେ, ଏହି ପରିପ୍ରେକ୍ଷୀରେ କେତେକ ଚିନ୍ତା ଉଦ୍ରେକକାରୀ ପ୍ରଶ୍ନର ଆବିର୍ଭାବ ଘଟିଛି, ଯହିଁରୁ ତିନିଟି ମୁଖ୍ୟ। ତହିଁରୁ ପ୍ରଥମଟି ହେଲା, ଲଦାଖୀମାନେ ଭାରତର ଅନ୍ୟତମ ସର୍ବାଧିକ ଶାନ୍ତିପ୍ରିୟ, ଅହିଂସ ଓ ସ୍ନେହୀ ଜାତି ରୂପେ ପରିଚିତ ହେଉଥିବା ସତ୍ତ୍ୱେ ଏଭଳି ଏକ ଚରିତ୍ର-ଅସାଂମଜସ୍ୟ ଆଚରଣ ପ୍ରଦର୍ଶନ କଲେ କାହିଁକି ? ଏହା ପଛରେ କୌଣସି ବାହ୍ୟ ଶକ୍ତିର ଚକ୍ରାନ୍ତ ଅଛି କି, ଯେମିତି ସାମାଜିକ ଗଣମାଧ୍ୟମରେ ପ୍ରବାହିତ ହେଉଥିବା ବ୍ୟାଖ୍ୟାନର ବତାସରେ ଚୀନ ଆଡ଼କୁ ଇଙ୍ଗିତ ରହୁଛି ? ଦ୍ୱିତୀୟଟି ହେଲା ଏହି ଘଟଣା ପରେ ଲଦାଖୀମାନଙ୍କ ମଧ୍ୟରେ ବିଚ୍ଛିନ୍ନତାବୋଧର ବୀଜ ଅଙ୍କୁରିତ ହେବ ନାହିଁ ତ ? କାରଣ ସେମାନେ ଏକ ରାଷ୍ଟ୍ରପ୍ରେମୀ ଜାତି ଭାବେ ଜଣାଶୁଣା। ତୃତୀୟଟି ହେଲା ଶାନ୍ତିପୂର୍ଣ୍ଣ ଓ ଅହିଂସ ଆନ୍ଦୋଳନର ଯୁଗ କ୍ରମେ ସମାପ୍ତ ହେବାକୁ ବସିଲାଣି କି ? ଏହି ସବୁ ପ୍ରଶ୍ନର ଉତ୍ତର ଖୋଜିବାକୁ ହେବ। ଇତିମଧ୍ୟରେ ସରକାରଙ୍କ ପକ୍ଷରୁ ଆରୋପ ଲଗାଯାଇଛି ଯେ ସୋନମ ୱାଙ୍ଗଚୁକଙ୍କ ଏକ ଭାଷଣ ଉତେଜନା ସୃଷ୍ଟି କରିଥିଲା, ଯହିଁରେ ସେ କୁଆଡ଼େ 'ଆରବ ବସନ୍ତ' ସହିତ ବାଂଲାଦେଶ ଓ ନେପାଳରେ ଘଟିଥିବା ଜନ-ବିଦ୍ରୋହ ବିଷୟ ଉଲ୍ଲେଖ କରିଥିଲେ। ଅପର ପକ୍ଷରେ ସାମ୍ବାଦିକମାନଙ୍କୁ ସୋନମ ୱାଙ୍ଗଚୁକଙ୍କ ଦ୍ୱାରା ପ୍ରଦତ୍ତ ବକ୍ତବ୍ୟ କହିଥାଏ ଯେ ଦୀର୍ଘକାଳୀନ ଅନଶନ ପରେ ଦୁଇ ବୟୋବୃଦ୍ଧ ଆନ୍ଦୋଳନକାରୀ ନେତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ସେଠାରେ ସମବେତ ତରୁଣ-ତରୁଣୀଙ୍କୁ ଉତେଜିତ କରିଥିଲା ଏବଂ ତା' ପରେ ସ୍ୱତଃସ୍ଫୂର୍ତ୍ତ ଭାବେ ନିଜ ନିଜ ଘରୁ ବାହାରି ଆସିଥିବା ଯୁବକଯୁବତୀ('ଜେନ ଜେଡ୍' ପିଢ଼ିରୁ ମଧ୍ୟ) ସହସ୍ରାଧିକ ସଂଖ୍ୟାରେ ସଡ଼କରେ ରୁଣ୍ଡ ହୋଇ ସହସା ଅନିୟନ୍ତ୍ରିତ ହିଂସାର ଆବର୍ତ୍ତ ମଧ୍ୟରେ ହଜି ଯାଇଥିଲେ। ପ୍ରକାଶ ଥାଉ କି ବର୍ତ୍ତମାନ କେତେକଙ୍କ ଦ୍ୱାରା ସୋନମ ୱାଙ୍ଗଚୁକ ସାମାଜିକ ଗଣମାଧ୍ୟମରେ 'ଆତଙ୍କବାଦୀ' ବା 'ଚୀନା ଏଜେ[' ଭଳି ଅପ-ବିଶେଷଣ ଦ୍ୱାରା ସମ୍ବୋଧିତ ହେଉଛନ୍ତି, ଯଦିଓ ହିଂସା ସୃଷ୍ଟି ହେବା ମାତ୍ରକେ ସେ ତାଙ୍କ ଅନଶନ ଓ ଆନ୍ଦୋଳନକୁ ପ୍ରତ୍ୟାହାର କରି ନେଇ ହିଂସାର ନିନ୍ଦା କରିଥିଲେ। ଏହି ସଂଦର୍ଭରେ ମହାତ୍ମା ଗାନ୍ଧୀ ସ୍ମରଣକୁ ଆସନ୍ତି, ଯିଏ ୧୯୨୨ ମସିହାରେ ସତ୍ୟାଗ୍ରହର ପ୍ରାରମ୍ଭ କାଳରେ ଉତ୍ସାହ ତୀବ୍ରତମ ଥିବା ବେଳେ ଚଉରିଚଉରା ଠାରେ ଘଟିଥିବା ହିଂସାକାଣ୍ଡ ସକାଶେ ଆନ୍ଦୋଳନକୁ ତୁରନ୍ତ ବନ୍ଦ କରି ଦେଇଥିଲେ ଏବଂ କହିଥିଲେ ଯେ ଅହଂସ ଆନ୍ଦୋଳନ ସକାଶେ ପ୍ରସ୍ତୁତି ସଂପୂର୍ଣ୍ଣ ହୋଇନାହିଁ। ସେହି ଦୃଷ୍ଟିରୁ କୁହାଯାଇପାରେ ଯେ ଗଲା ୫ ବର୍ଷ ଧରି ଅହିଂସା ଓ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚଳାଇ ଆସିଥିବା ସୋନମ ୱାଙ୍ଗଚୁକଙ୍କ ଲାଗି ଏବେ ଏକ ଚଉରିଚଉରା କ୍ଷଣ ଉପସ୍ଥିତ, ଯାହା ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ଏକ କଠିନ ପରୀକ୍ଷା ମଧ୍ୟ ! ତେବେ, 'ଆରବ ବସନ୍ତ' ହେଉ ବା ନେପାଳ ବା ବାଂଲାଦେଶ ଅଥବା ଲଦାଖ; ଉପରକୁ ଦିଶୁଥିବା ତାତ୍କାଳିକ କାରଣଗୁଡ଼ିକ ତଳେ ଅର୍ଥାତ୍ ? ଗଭୀରରେ ଯେଉଁ ଏକମାତ୍ର ମୂଳ କାରଣ ନିହିତ ବୋଲି ସମାଜ ବିଜ୍ଞାନୀମାନେ କହନ୍ତି, ତାହା ହେଉଛି 'ୟୁଥ ବଲ୍‌ଜ' ବା 'ତାରୁଣ୍ୟ ବଥ', ଯାହାର ଅର୍ଥ ଜନସଂଖ୍ୟାରେ ତରୁଣ ବର୍ଗ(୧୫ରୁ ୨୨ ବର୍ଷ)ର ଅଧିକ ଉପସ୍ଥିତି। ସେମାନଙ୍କ ମତରେ ଏହା ଉତ୍ପାଦନଶୀଳତାରେ ବୃଦ୍ଧି ଘଟାଇ ଯେମିତି 'ଡେମୋଗ୍ରାଫିକ୍ ଡିଭିଡେଣ୍ଡ' ବା 'ଜନସାଂଖ୍ୟିକ ଲାଭ' ପ୍ରଦାନ କରିଥାଏ, ସେମିତି ତାହାର ଓଲଟା ଘଟିଥାଏ ଯେତେବେଳେ ବୃତ୍ତି କି ଜୀବନର ଲକ୍ଷ୍ୟ ଠାବ କରି ପାରୁ ନ ଥିବା ହତାଶ ଯୁବକଯୁବତୀ ସେମାନଙ୍କ ଖାଲି ସମୟ ଓ ଅବ୍ୟବହୃତ ଶକ୍ତିକୁ ଅପରାଧମୂଳକ କାର୍ଯ୍ୟରେ ଖର୍ଚ୍ଚ କରନ୍ତି; ସାମାନ୍ୟ କାରଣରୁ ଆକ୍ରମଣ, ପୋଡ଼ାଜଳା, ଭଙ୍ଗାରୁଜା, ଭିଡ଼ ହିଂସା ଘଟାନ୍ତି। ପୃଥିବୀର ବିଭିନ୍ନ ଦେଶର ଜନସଂଖ୍ୟାର ଗଢ଼ଣକୁ ଅନୁଧ୍ୟାନ କରି ପ୍ରଖ୍ୟାତ ରାଜନୀତି ବିଜ୍ଞାନୀ ଟେଡ୍ ରବର୍ଟ ଗାର ଅଷ୍ଟମ ଦଶକରେ ଅପରାଧ, ବିଦ୍ରୋହ, ଦଙ୍ଗା ଓ ନିଶା ଦ୍ରବ୍ୟ କାରବାର ଆଦି ସହିତ 'ସୋସିଆଲ୍ ବଲ୍‌ଜ'ର ସଂପର୍କକୁ ଆବିଷ୍କାର କରିଥିଲେ। ବିଭିନ୍ନ ଦେଶରେ ଅପରାଧର ଚରିତ୍ରକୁ ଅନୁଶୀଳନ କରୁଥିବା 'ସି.ଆଇ.ଏ.' ଦ୍ୱାରା ନିଯୁକ୍ତ ଏକ ବିଶେଷଜ୍ଞ ଦଳ ବିଭିନ୍ନ ଦେଶର ଜନସଂଖ୍ୟାର ସଂରଚନା ବିଷୟରେ ଅନୁଶୀଳନ କରି ୧୯୮୫ ମସିହାରୁ ଭବିଷ୍ୟତ୍ ?ବାଣୀ ପ୍ରଦାନ କରିଥିଲେ ଯେ 'ତାରୁଣ୍ୟ ବଥ' କାରଣରୁ ବାଂଲାଦେଶ, ନେପାଳ, ଇଣ୍ଡୋନେସିଆ ଭଳି ଦେଶରେ ଭୟାବହ ବିଶୃଙ୍ଖଳା ଦେଖାଦେଇପାରେ, ଯାହା ଚାରି ଦଶନ୍ଧି ପରେ ସତ୍ୟରେ ପରିଣତ ହୋଇଛି ! 'ତାରୁଣ୍ୟ ବଥ'ର ଦୁଷ୍ପ୍ରଭାବର ଦୃଷ୍ଟାନ୍ତ ଅସୁମାରି ଓ ସର୍ବତ୍ର ପରିଲକ୍ଷିତ। ୦୧୦ ମସିହା, ଡିସେମ୍ବର ୧୭ ତାରିଖ ଦିନ ଟ୍ୟୁନିସୀୟ ପୁଲିସ ଦ୍ୱାରା ତା'ର ଫଳଝୁଡ଼ିର ବାଜ୍ୟାପ୍ତ ହେବା ଓ ଯୁକ୍ତିତର୍କ ବେଳେ ଜଣେ ମହିଳା ପୁଲିସ ହାତରୁ ଚାପୁଡ଼ାଏ ଖାଇବା ପରେ ତରୁଣ ଫଳ ବିକ୍ରେତା ଅଲ ବୁଅଜିଜି ସଡ଼କ ଉପରେ ଆତ୍ମଦାହ କରି ଦେଇଥିଲା। ଏହି ଘଟଣା ଆରବ ବିଶ୍ୱରେ ଭୂଚଳନ ସୃଷ୍ଟିକାରୀ ବିଦ୍ରୋହ 'ଆରବ ବସନ୍ତ'କୁ ଟ୍ୟୁନିସିଆର ଭୂମିରେ ଜନ୍ମ ଦେଇଥିଲା। କିନ୍ତୁ ସମାଜବିଜ୍ଞାନୀମାନେ 'ଆରବ ବସନ୍ତ'ର କାରଣ ରୂପେ ବୁଆଜିଜିର ଫଳ ଝୁଡ଼ିର ବାଜ୍ୟାପ୍ତି ବା ଚାପୁଡ଼ା ମାଡ଼କୁ ଦେଖି ନ ଥାଆନ୍ତି; ସେମାନଙ୍କ ମତରେ ଟ୍ୟୁନିସିଆରେ ସେ ଦିନ ହତାଶା ଜର୍ଜର 'ତାରୁଣ୍ୟ ବଥ'ଟି ସୂଚ୍ୟଗ୍ର ସ୍ପର୍ଶ ମାତ୍ରକେ ଫାଟିଯାଇଥିଲା। ସେହି ବିଚାରରେ ଲଦାଖ ହିଂସାର ପ୍ରକୃତ କାରଣଟି କ'ଣ ହୋଇପାରେ ? ସୋନମ ୱାଙ୍ଗଚୁକଙ୍କ ଭାଷଣ ନା ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ନା ପାଚି ଜରଜର ହୋଇ ଯାଇଥିବା 'ତାରୁଣ୍ୟ ବଥ' ?

## ରାଜ୍ୟସ୍ତରୀୟ ଜୁଡୋ ଚାମ୍ପିଅନସିପେର ଭାଗେନେବ ମାଲକାନଗିରିର ୨୩ ଜଣିଆ ଟିମ୍

ମାଲକାନଗିରି, ୨୭/୯(ନି/ପ୍ର): ୨୭ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର କେଟି ଗ୍ଲୋବଲ୍ ସ୍କୁଲ ପରିସର ମଧ୍ୟେର ହେବାକୁ ଥିବା ରାଜ୍ୟ ସ୍ତରୀୟ ଜୁଡୋ ଚାମ୍ପିଅନସିପ ରେ ବିଭିନ୍ନ ବର୍ଗ ଯଥା ସବ୍ ଜୁନିଅର, ଜୁନିଅର କେଡେଟ, ସିନିୟର ପୁରୁଷ ଏବଂ ମହିଳା ବିଭାଗ ରେ ଭାଗେନବା ପାଇଁ ମାଲକାନଗିରି ଜିଲ୍ଲାର ଖେଳାଳୀଙ୍କ ସେମତ ଅଫିସିଆଲ୍ ୨୩ ଜଣ ଖୋର୍ଦ୍ଧା ଜିଲ୍ଲାକୁ ଆଜି ଗସ୍ତ କରିଛନ୍ତି। ଖେଳାଳୀ ଙ୍କ ମଧ୍ୟେର ପ୍ରାୟତ ସମେସ୍ତ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳ କିଛି ବାପା ମାଆ ଛେଉଣ୍ଡ (ଅନାଥ) ଖେଳାଳୀ ବି ଅଛନ୍ତି। ଜିଲ୍ଲା ଜୁଡୋ ଅସୋସିଏସନ୍ ଏବଂ ଆଓମା ଗୁରୁକୂଳର ମିଳିତ ସହେଯାଗେର ଉକ୍ତ ସମସ୍ତ ଖେଳାଳୀଙ୍କୁ ପ୍ରଶିକ୍ଷଣ ଦେବା ସହିତ ରାଜ୍ୟ ସ୍ତରୀୟ ଚାମ୍ପିଅନସିପ ରେ ଭାଗ ନେବାପାଇଁ ସୁଯୋଗ ପ୍ରଦାନ କରିଛନ୍ତି। ଆଜି ଏକ ବଶିେଷ କାର୍ଯ୍ୟକ୍ରମେର ପ୍ରଶାସନ ତରଫରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ତରଫରୁ

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ଗୋଟିଏ ଦିନରେ ହେଉ ଦୁର୍ଗା ମୂର୍ତି ବିସର୍ଜନ :ସିଦ୍ଧାର୍ଥ ସାହା




ସମ୍ବଲପୁର,୨୭/୯(ନି/ପ୍ର):ଗୋଟିଏ ଦିନରେ ହେଉ ଦୁର୍ଗାମୂର୍ତ୍ତି ବିସର୍ଜନ ଓ ବିସର୍ଜନ ଶୋଭାଯାତ୍ରା । ଏଭଳି ଏକ ପ୍ରୟାସ ଆରମ୍ଭ କରି ଜିଲ୍ଲା ପ୍ରଶାସନ କୁ ଚିଠି ଲେଖିଛି ଦଳେଇପଡ଼ା ରାବଣ ପୋଡି କମିଟି । ରାବଣ ପୋଡ଼ି ଉତ୍ସବ ଆୟୋଜକ କମିଟି ସଭାପତି ସିଦ୍ଧାର୍ଥ ସାହା ଜିଲ୍ଲା ପ୍ରଶାସନ ,ପୋଲିସ ପ୍ରଶାସନ ଓ ମହାନଗରନିଗମ କୁ ଦେଇଥିବା ଏକ ପତ୍ର ରେ ଉଲ୍ଲେଖ କରିଛନ୍ତି ଯେ ଦିନକୁ ଦିନ ସମ୍ବଲପୁର କର୍ପୋରେସନ ଅଂଚଳରେ ଟ୍ରାଫିକ ସମସ୍ୟା,ଶବ୍ଦ ପ୍ରଦୂଷଣ ସମସ୍ୟା ଉତ୍କଟ ହେବାରେ ଲାଗିଛି । ଦୁର୍ଗାପୂଜାର ଭସାଣି ଭିନ୍ନ ଭିନ୍ନ ଦିନରେ ହେଉଥିବାରୁ ମହାନଗରନିଗମ ଅଧିବାସୀ ଅନେକ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ଆମ୍ବୁଲାନ୍ସ, ବସ ସେବା, ସାଧାରଣ ଯାତାୟାତ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଶେଷ ଭାବରେ ପ୍ରଭାବିତ ହେଉଛି । ଗୋଟିଏ ଦିନରେ ମା ଦୁର୍ଗାଙ୍କୁ ମହାନଗରନିଗମ ଅଧିବାସୀ ବିଦାୟ ଦେବା ସହ ସମସ୍ତ ପଡ଼ା ର ଭସାଣୀ ଶୋଭାଯାତ୍ରା କୁ ମନଭରି ଉପଭୋଗ କରିପାରିବେ । ଗୋଟିଏ ଦିନରେ ଦୁର୍ଗାପୂଜା ଭସାଣୀ ଉପରେ ଦଳେଇପଡ଼ା, ନନ୍ଦପଡ଼ା, ହାଟପଡା, କୁଞ୍ଜେଲପଡ଼ା, ପଟ୍ଟାୟକପଡ଼ା ଭଳି ପୁରାତନ ପୁଜା କମିଟି ସହମତି ପ୍ରକଟ କରିଛନ୍ତି ବୋଲି ଶ୍ରୀ ସାହା ପ୍ରଶାସନକୁ ଦେବାକୁ ଥିବା ଏହି ପତ୍ରରେ ଉଲ୍ଲେଖ କରିଛନ୍ତି । ସହରର ସମସ୍ତ ପୁଜା କମିଟି ଙ୍କୁ ଜିଲ୍ଲା ପ୍ରଶାସନ ଡ଼ାକି ଗୋଟିଏ ଦିନରେ ବିସର୍ଜନ ସମ୍ପର୍କିତ ଆଲୋଚନା କରିବା ସହ ମତାମତ ନେବା ଉପରେ ଶ୍ରୀ ସାହା ଗୁରୁତ୍ୱ ପ୍ରଦାନ କରିଛନ୍ତି । ଜିଲ୍ଲା ପ୍ରଶାସନ ସହ ସ୍ଥାନୀୟ ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୁଝାରୀ, ପଚାଂୟତିରାଜ ମନ୍ତ୍ରୀ ରବି ନାୟକ, ବିଧାୟକ ଜୟନାରାୟଣ ମିଶ୍ର ଙ୍କୁ ମଧ୍ୟ ଏ ସଂପର୍କରେ ସୂଚିତ କରାଯାଇଛି ବୋଲି ଶ୍ରୀ ସାହା ସୂଚନା ଦେବାସହ ସମସ୍ତେ ସହଯୋଗର ହାତ ବଢାଇଲେ ସମ୍ବଲପୁର ବାସୀ ଗୋଟିଏ ଦିନରେ ଏକ ଭବ୍ୟ ଭସାଣୀ ଶୋଭାଯାତ୍ରା ଉପଭୋଗ କରିପାରିବେ ବୋଲି କହିଛନ୍ତି । ମାନ୍ୟବର ସାଂସଦ, ବିଧାୟକ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ତୁରନ୍ତ ଏକ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରିବେ ବୋଲି ଶ୍ରୀ ସାହା ଆଶା ପ୍ରକଟ କରିଛନ୍ତି ।

# ସମ୍ବଲପୁର ଜିଲ୍ଲାସ୍ତରୀୟ ଯୁବ ମାରାଥନ୍





ସମ୍ବଲପୁର,୨୭/୯(ନି/ପ୍ର):ଦେଶ ବ୍ୟାପୀ ପାଳିତ ହେଉଥିବା ୧୭ ସେପ୍ଟେମ୍ବର ରୁ ୨ ଅକ୍ଟୋବର ପର୍ଯ୍ୟନ୍ତ 'ସେବା ପକ୍ଷ - ୨୦୨୫'ପାଳନ ଅବସରରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ' ଯୁବ ମାରାଥନ୍' ଅନୁଷ୍ଠିତ ହୋଇଯାଇଅଛି । ଏହି ମାରାଥନରେ ବହୁସଂଖ୍ୟାରେ ବିଶେଷକରି ଯୁବବର୍ଗଙ୍କ ଅଂଶଗ୍ରହଣ କରିଥିଲେ ।ମ୍ୟାରାଥନ ଆୟୋଜନର ଉଦ୍ଦେଶ୍ୟ ହେଉଛି ସମାଜରେ ସ୍ୱଚ୍ଛତା ର ସେବାଭାବ, ସ୍ୱାସ୍ଥ୍ୟ ଆଦି ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । ଏହି ଗଣଦୌଡକୁ ବିଧାୟକ ଜୟନାରାୟଣ ମିଶ୍ର ପତାକା ଦେଖେଇ ଶୁଭାରମ୍ଭ କରିଥିଲେ । ବିଧାୟକ ଶ୍ରୀ ମିଶ୍ର ଏହି ଗଣଦୌଡ ରେ ଯୋଗଦେଇ ସମସ୍ତ ଯୁବବର୍ଗ ଙ୍କୁ ପ୍ରଥମେ ନିଜ ଘରକୁ, ନିଜ ଅଂଚଳକୁ ସଫା ରଖିଲେ ଯାଇ ଆମ ଦେଶ ସ୍ୱଚ୍ଛ ହେବ, ଉନ୍ନତି ରେ ପଥରେ ଅଗ୍ରଗତି କରିବ ବୋଲି କହିଥିଲେ ।ସ୍ୱଚ୍ଛତା ହି ସେବା, ଏହା ଗାନ୍ଧିଜୀ ଙ୍କ ମୂଳ ମନ୍ତ୍ର ଥିଲା ଦେଶ କୁ ସୁସ୍ଥ ରଖିବା ପାଇଁ ।ଆମେ ଆମ ସମ୍ବଲପୁର ସହର କୁ ସ୍ୱଚ୍ଛତା ରେ ଏକ ନମ୍ବର କରିବା ପାଇଁ ପ୍ରଚେଷ୍ଟା କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହି ମାରଥନ ରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଭା.ପ୍ର.ସେ),ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ (ଭା.ପୋ.ସେ) ଜିଲ୍ଲା କ୍ରିଡା ଅଧିକାରୀ ଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି, ଯୁବବର୍ଗ, ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସେବା ପର୍ବ-୨୦୨୫ ଜିଲ୍ଲାସ୍ତରୀୟ ବିକଶିତ ଭାରତ କର୍ମଶାଳା

ସମ୍ବଲପୁର, ୨୭/୯(ନି/ପ୍ର): 'ସେବା ପର୍ବ-୨୦୨୫' ଅବସରରେ 'ବିକଶିତ ଭାରତ ୨୦୪୭" ବିଷୟରେ ଆଧାରିତ ଏକ ଜିଲ୍ଲାସ୍ତରୀୟ କର୍ମଶାଳା-କମ୍-ଚିତ୍ରାଙ୍କନ ପ୍ରତିଯୋଗିତା ସମ୍ବଲପୁରର ଆଂଚଳିକ କଳା ଭବନ(ଓ.ଏଲ.କେ.ଏ.) ଠାରେ ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ପ୍ରୋଫେସନାଲ୍ ଆର୍ଟିଷ୍ଟ, କଲେଜ୍ ଓ ସ୍କୁଲ୍ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ସେଥିରୁ ଶ୍ରେଣୀ ଭିତିକ ଶ୍ରେଷ୍ଠ ୩ ଜଣ ବିଜେତା ଭାବେ କୃତି ଅର୍ଜନ କରିଛନ୍ତି । ପ୍ରୋଫେସନାଲ୍ ଆର୍ଟିଷ୍ଟ ସ୍ତରରେ ସଞ୍ଜୟ କୁମାର ସାହୁ ପ୍ରଥମ ସ୍ଥାନ, କୁଳଦୀପ ବର୍ମା ଦ୍ୱିତୀୟ ସ୍ଥାନ, ସମୀର ମହାରଣା, ତୃତୀୟ ସ୍ଥାନ, କଲେଜ୍ ଛାତ୍ରଛାତ୍ରୀ ସ୍ତରରେ ଖୁସି ସାହୁ ପ୍ରଥମ ସ୍ଥାନ, ଆଶିଷ କୁମାର ସାହୁ ଦ୍ୱିତୀୟ ସ୍ଥାନ, ଓ ସୂର୍ଯ୍ୟାଶ ଧରୁଆ ତୃତୀୟ ସ୍ଥାନ ହାସଲ କରିଛନ୍ତି । ସ୍କୁଲ୍ ଛାତ୍ରଛାତ୍ରୀ(ଦଶମ ଓ ଏକାଦଶ) ସ୍ତରରେ ରେ ସିଅନ୍ ଖେସ୍ ପ୍ରଥମ ସ୍ଥାନ, କୃତିବଲ୍ଲଭ ମେହେର ଦ୍ୱିତୀୟ ସ୍ଥାନ, ଅର୍ପିତା ନାଏକ ତୃତୀୟ ସ୍ଥାନ,ସ୍କୁଲ୍ ଛାତ୍ରଛାତ୍ରୀ(ଷଷ୍ଠ-ଅଷ୍ଟମ) ସ୍ତରରେ ଗାୟତ୍ରୀ ଭରଦ୍ୱାଜ ପ୍ରଥମ ସ୍ଥାନ, ପ୍ରିତୀ ନାଏକ ଦ୍ୱିତୀୟ ସ୍ଥାନ, ଏବଂ ଗୁନଗୁନ ବିଭାର ଓ ହରି ପ୍ରିୟଜିତ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି ।

## ଇଭିଏମମ୍ ଏବଂ ଭିଭିପାଟ ଗୋଦାମ ଯାଚଂରେ ଧରାପଡ଼ିଆ ସାଙ୍ଘାତିକ ତ୍ରୁଟି

### ଗୋଷ୍ଠୀଗତ ଭାବେ ଲୁଟ ହୋଇଥିବା ଭୋଟର ପ୍ରମାଣ ନଷ୍ଟ ପାଇଁ ହୀନ ଉଦ୍ୟମ :ଦୁର୍ଗା ପାଢ଼ୀ



ସମ୍ବଲପୁର,୨୭/୯(ନି/ପ୍ର):ସମ୍ବଲପୁରରେ ରହିଥିବା ଇଲେକଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମମ୍) ଏବଂ ଭିଭିପାଟ ଗୋଦାମର ଶୁକ୍ରବାର ଯାଚଂ ସମୟରେ ସାଙ୍ଘାତିକ ତ୍ରୁଟି ପରିଲକ୍ଷିତ ହୋଇଛି ଓ ଜ଼ିଲ୍ଲାପାଳ କାର୍ଯ୍ୟାଳୟ ସଂଲଗ୍ନ ଗୋଦାମ ର ଅପରାହ୍ଣ ୪ ଟା ସମୟରେ ଜ଼ିଲ୍ଲା ଅତିରିକ୍ତ ଜ଼ିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜ଼ିଲ୍ଲାପାଳ ସୁଧାଂଶୁ ଭୋଇ ଙ୍କ ତତ୍ୱାବଧାନ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ସଂଜୀବ କୁମାର ମେହେରଙ୍କ ଉପସ୍ଥିତିରେ ତ୍ରୈମାସିକ ଯାଚଂ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଓ ଏହି ଯାଚଂ ସମୟରେ ଭାରତୀୟ ଜନତା ପାର୍ଟି, ଭାରତୀୟ ଜାତୀୟ କଂଗ୍ରେସ, ବିଜୁ ଜନତା ଦଳ, ଆମ ଆଦମୀ ପାର୍ଟି, ବହୁଜନ ସମାଜ ପାର୍ଟି, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ଏମ୍) ରାଜନୈତିକ ଦଳ ର ଜ଼ିଲ୍ଲା ପ୍ରତିନିଧି ମାନେ ଉପସ୍ଥିତ ଥିଲେ ଓ ତେବେ ଏହି ଯାଚଂ ସମୟରେ ଏକ ସାଙ୍ଘାତିକ ତ୍ରୁଟି ପରିଲକ୍ଷିତ ହୋଇଛିଥିଲା ଓ ଗୋଦାମ ର ୧୫- କୁଟିଣ୍ଡା (ଏ ସ୍ ଟି) ୨ ନମ୍ବର କୋଠରୀ ଉପରେ ଲାଗିଥିବା ସିସିଟିଭି କ୍ୟାମେରା ଝୁଲୁଥିବା ଦେଖାଯାଇଥିଲା ଓ ଏହାକୁ ନେଇ ଉପସ୍ଥିତ ଥିବା ରାଜନୈତିକ ଦଳ ର ପ୍ରତନିଧି ମାନେ ଆପତି ଉଠାଇଥିଲେ ଓ ତୁରନ୍ତ ଏହାକୁ ସଜାଡିବାକୁ ଅତିରିକ୍ତ ଜ଼ିଲ୍ଲାପାଳ ଶ୍ରୀ ଭୋଇ ନିର୍ଦ୍ଦେଶ ଦେଇଥିଲେ ଓ ତେବେ ଭୋଟିଂ ମେସିନ ପାଇଁ ଭିଭିପାଟ ହେଉଛି ଏକ ସ୍ୱାଧୀନ ଯାଚଂ ପ୍ରଣାଳୀ ଯାହା ଭୋଟର ମାନଙ୍କୁ ସେମାନଙ୍କର ଭୋଟ ସଠିକ୍ ଭାବରେ ଦିଆଯାଇଛି କି ନାହିଁ ଯାଚଂ କରିବାକୁ, ସମ୍ଭାବ୍ୟ ନିର୍ବାଚନ ଜାଲିଆତି କିମ୍ବା ତ୍ରୁଟି ଚିହ୍ନଟ କରିବାକୁ ଏବଂ ସଂରକ୍ଷିତ ଇଲେକ୍ଟ୍ରୋନିକ୍ ଫଳାଫଳ ଅଡିଟ୍ କରିବାର ଏକ ଉପାୟ ପ୍ରଦାନ କରିବାକୁ ଅନୁମତି ଦେବା ପାଇଁ ଡିଜାଇନ୍ କରାଯାଇଛି ଓ ଏଥିରେ ପ୍ରାର୍ଥୀଙ୍କ ନାମ (ଯାହାଙ୍କ ପାଇଁ ଭୋଟ ଦିଆଯାଇଛି) ଏବଂ ଦଳ/ବ୍ୟକ୍ତିଗତ ପ୍ରାର୍ଥୀଙ୍କ ପ୍ରତୀକ ସୁରକ୍ଷିତ ଭାବେ ମହଜୁଦ ରହିଥାଏ ଓ ଆଜିକାର ଘଟଣା ସୂଚାଉଛି ଯେ ସମ୍ବଲପୁର ଜ଼ିଲ୍ଲା ପ୍ରଶାସନ ଇଭିଏମମ୍ ଏବଂ ଭିଭିପାଟ ସୁରକ୍ଷା ଦେବାରେ ସମ୍ପୂର୍ଣ ବିଫଳ ହୋଇଛନ୍ତି ଓ ଯାଚଂ ସମୟରେ ସିସି ଟିଭି ଭାଙ୍ଗି ଝୁଲୁ ଥିବା ଘଟଣା କୁ ଦେଶରେ ବିରୋଧ ଦଳ ନେତା ଶ୍ରୀ ରାହୁଲ ଗାନ୍ଧୀ ଉଠାଇଥିବା ଭୋଟ ଚୋରି ପ୍ରସଙ୍ଗ ଘଟଣା ର ଏହା ଏକ ନମୁନା ବୋଲି ଗତ ୨୦୨୪ ନିର୍ବାଚନ ର ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ରହିଥିବା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ଦୁର୍ଗା ପାଢ଼ୀ ଅଭିହିତ କରିଛନ୍ତି ଓ ସମ୍ବଲପୁର ରେ ' ସଙ୍ଗଠିତ ଭୋଟ ଚୋରି' ହୋଇଛି ବୋଲି ଅଭିଯୋଗ କରି ତାର ପ୍ରମାଣ ନଷ୍ଟ ପାଇଁ ଏହି ହୀନ ଉଦ୍ୟମ ବୋଲି ଶ୍ରୀ ପାଢ଼ୀ କହିଛନ୍ତି ।

## ବର୍ଷା ଓ ବଜ୍ରପାତରୁ ରକ୍ଷା ପାଇଁ ଚାଷୀଙ୍କୁ ତାଳପତ୍ର ପଖିଆ ପ୍ରଦାନ

କେନ୍ଦ୍ରାପଡ଼ା,୨୭/୯(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତାଳପତ୍ର ପଖିଆ ଓ ଚାଷୀ ମୃତ୍ୟୁକୁ ନେଇ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଆଧୁନିକତାରେ ଏବେ ବି ବଂଚି ରହିଛି ତାଳପତ୍ର ପଖିଆ, ଯାହା ଚାଷୀ ଭାଇର ସୁରକ୍ଷା କବଚ । ବର୍ଷା ହେଉ କି ଖରା ଅବା ଶୀତ କାକର ପୁରୁଖା ଚାଷୀଙ୍କର ଏହା ଥିଲା ଅମୋଘ ଅସ୍ତ୍ର । ଏବେ ଆଧୁନିକତାର ଦ୍ୱାହି ଦେଇ କିଛି ଯୁବ ଚାଷୀ ପଲଥିନ ପଖିଆ ପଛରେ ଧାବମାନ ସେଥିପାଇଁ ଚାଷୀ ମୃତ୍ୟୁହାର ବଢ଼ି ଚାଲିଛି । ଏହି କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଜଳପୋକ ଅଂଚଳର ଚାଷୀ ଭାଇମାନଙ୍କ ସହ ଶୁଭାରମ୍ଭ ହୋଇଛି । ତାଳପତ୍ର ପଖିଆ ବ୍ୟବହାର କରୁଥିବା ଚାଷୀ ବଜ୍ରପାତରୁ ରକ୍ଷା ପାଇବା ପୁରୁଣା ଚାଷୀମାନେ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ସମେତ ଟ୍ରଷ୍ଟର ବୟସ୍କ ସଦସ୍ୟ ମଧୁସୂଦନ ରାଉତ, ସମ୍ପାଦକ ରାଜେଶ ବାରିକ, କେଦାର ସ୍ୱାଇଁ, କାଳନ୍ଦୀ ମଲ୍ଲିକ ଓ ଅଂଚଳର ବରିଷ୍ଠ ଚାଷୀ ମନୋଜ କୁମାର ଜେନା ରହି କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ ।

## କେବିସି ହଟ୍‌ସିଟ୍‌ରେ ବଲାଙ୍ଗୀରର କୁମାରୀ ପୂଜା

ବଲାଙ୍ଗୀର,୨୭/୯(ନି/ପ୍ର): କୌନ୍ ବନେଗା କରୋଡ୍‌ପତି ଦେଶର ଅନ୍ୟତମ ଲୋକପ୍ରିୟ କାର୍ଯ୍ରକ୍ରମ ଭାବେ ବେଶ ପରିଚିତ । ଏଥିରେ ବଲାଙ୍ଗୀର ସାଲେପାଲି ନିବାସୀ କୁମାରୀ ପୂଜା ହଟ୍‌ସିଟ୍‌ରେ ପହଂଚିଛନ୍ତି । ଯାହା ଏବେ ବଲାଙ୍ଗୀରରେ ଚର୍ଚ୍ଚାର ବିଷୟ ପାଲଟିଛି । କୁମାରୀ ପୂଜା ବଲାଙ୍ଗୀରର ଭୀମଭୋଇ ମେଡ଼ିକାଲ ଅଡିଓଲୋଜି ବିଭାଗରେ କାର୍ଯ୍ୟରତ ଡା. ଅଭିନିଶ କୁମାରଙ୍କ ଧର୍ମପତ୍ନୀ । ଗତ ସେପ୍ଟେମ୍ବର ୪ ଓ ୫ ତାରିଖରେ ଏହି ଏପିସୋଡ ସୋନି ଟିଭିରେ ପ୍ରସାରିତ ହୋଇଥିଲା । ଏଥିରେ କୁମାରୀ ପୂଜା ହଟ୍‌ସିଟ୍‌କୁ ଚୟନ ହେବା ପରେ ୧୨ ରାଉଣ୍ଡ ପର୍ଯ୍ୟନ୍ତ ସଠିକ୍ ଉତର ଦେଇ ୧୨.୫ ଲକ୍ଷ ଟଙ୍କା ଜିତିବାକୁ ସକ୍ଷମ ହୋଇଥିଲେ । ତାଙ୍କର ବୁଦ୍ଧିମତାକୁ ମହାନାୟକ ଅମିତାଭ ବଚ୍ଚନ ପ୍ରଶଂସା କରିଥିଲେ ।

## କଳିଙ୍ଗା ଘାଟି ଭୂସ୍ଖଳନ ପରେ ନିର୍ମାଣ କାମ ଜାରି

### ଅକ୍ଟୋବରରେ ଚାଲିବ ଯାନବାହନ !



ଘୁ.ଉଦୟଗିରି,୨୭/୯(ନି/ପ୍ର): କନ୍ଧମାଳଜିଲ୍ଲା କଳିଙ୍ଗା ଘାଟିରେ ଭୁସ୍ଖଳନ ଘଟି ଗତ ୧୬ତାରିଖ ଠାରୁ ୩୦ଫୁଟ ରାସ୍ତା ଧୋଇ ହୋଇଯାଇଥିବା ଯୋଗୁଁ ୧୧ଦିନ ହେଲା ଦକ୍ଷିଣ ଓଡିଶାରୁ ପଶ୍ଚିମ ଓଡିଶା ସମେତ କନ୍ଧମାଳ ଜିଲ୍ଲାକୁ ଗମନାଗମନ ସମ୍ପୂର୍ଣ୍ଣ ଠପ ହୋଇଯାଇଛି । ପୁଣି ଥରେ ପୁର୍ନଅବସ୍ଥା ଫେରାଇ ଆଣିବାକୁ ଏଠାରେ ଯୁଦ୍ଧକାଳୀନ ଭିତ୍ତିରେ ଘାଟି ରାସ୍ତା କାର୍ଯ୍ୟ ଚାଲୁରହିଛି । ପୁନର୍ବାର ୨୨ତାରିଖ ଦିନ ପୁଣି ସେଇ ସ୍ଥାନରେ ଭୁସ୍ଖଳନ ଘଟି ପୁଣି ପାହାଡ଼ ଶିଖରରୁ ମାଟି ପଥର ଖସିବା ଯୋଗୁଁ କାର୍ଯ୍ୟରେ ବାଧା ଉପୁଜିଥିଲା । ବର୍ତମାନ ମଧ୍ୟ ସେଇ ସ୍ଥାନରେ ତିନି ଗୋଟି ବଡ଼ବଡ଼ ପଥର ବିପଦ ସଂକୁଳ ଅବସ୍ଥାରେ ଝୁଲି ରହିଛି । କେତେବେଳେ କେମିତି ବିପଦ ଆସିବ କହି ହେଉନି । ତଥାପି କାର୍ଯ୍ୟ ଚାଲିଛି । ରାସ୍ତା ନିର୍ମାଣ କରି ସେଇ ରାସ୍ତାରେ କାର୍ଯ୍ୟ କରୁଥିବା ଠିକା କମ୍ପାନିର ଗାଡି ପରୀକ୍ଷା ମୂଳକ ଭାବେ ଚଳାଚଳ କରିଛି । ଧୋଇ ହୋଇଯାଇଥିବା ରାସ୍ତାରେ କାମ ଚଳା ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଘାଟିର ଗୋଟିଏ ପାଖ ପଥର ବ୍ଲାଷ୍ଟିଂ କରି ରାସ୍ତା ନିର୍ମାଣ କରିବା ସହ ଅପର ପାର୍ଶ୍ୱରେ ଗାର୍ଡ ୱାଲ ନିର୍ମାଣ ସହ ରାସ୍ତାରେ ଆଜି କଂକ୍ରିଟ ଢ଼ଳେଇ କାର୍ଯ୍ୟ ଚାଲିଥିବା ବେଳେ ସ୍ଥାନୀୟ ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ ଘଟଣା ସ୍ଥଳରେ ପହଚିଂ ସ୍ଥିତି ଅନୁଧ୍ୟାନ କରିବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀ ଏବଂ ଠିକା କମ୍ପାନିର ଅଧିକାରୀମାନଙ୍କ ସହ କାର୍ଯ୍ୟର ଅଗ୍ରଗତି ଏବଂ ବର୍ତମାନ ଭୁସ୍ଖଳନ ସ୍ଥଳରେ ପାହାଡ଼ ଉପରେ ଅଟକି ରହିଥିବା ବଡ଼ବଡ଼ ପଥର କିଭଳି ବାହାର କରାଯାଇ ସୁରକ୍ଷିତ ଭାବେ ଯାନବାହନ ଚଳାଚଳ କରିପାରିବ ତା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କହିବା ସହ ଅତିଶୀଘ୍ର ଏହି ରାସ୍ତାରେ କିଭଳି ଯାନବାହନ ଯାତାୟତ କରିବ ତା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କହିଥିଲେ । ଜାତୀୟ ରାଜପଥ ପକ୍ଷରୁ କାର୍ଯ୍ୟ ସ୍ଥଳରେ ଉପସ୍ଥିତ ଯନ୍ତ୍ରୀଙ୍କ କହିବା ମୁତାବକ ବର୍ତମାନ ରାସ୍ତାରେ ଗାଡ଼ି ଚଳାଚଳ ନିମନ୍ତେ ପ୍ରସ୍ତୁତ ହୋଇଛି ପରୀକ୍ଷାମୂଳକ ଭାବେ ଗାଡି ଚଳାଚଳ କରି ଦେଖି ସାରିଲୁଣି । କଂକ୍ରିଟ ପଡୁଛି ଉପରୁ ପଡୁଥିବା ପାଣି ନିଷ୍କାସନ ବ୍ୟବସ୍ଥା କରାଯାଇଛି । ଉପରେ ଅଟକି ରହିଥିବା ବଡ଼ ବଡ଼ ପଥର କିଭଳି ତଳକୁ ଖସାଯିବ ତାର ବ୍ୟବସ୍ଥା ଚାଲିଛି ଦୁଇଟି ଟିମ ଆସି ବୁଲି ଗଲେଣି ଆଉ ଏକ ଟିମ ବାହାର ରାଜ୍ୟରୁ ଆସି ଘଟଣା ସ୍ଥଳ ବୁଲି ତାର ସମୀକ୍ଷା କରି ରିପୋର୍ଟ ପ୍ରଦାନ କଲେ ସେଇ ଅନୁସାରେ କାର୍ଯ୍ୟ କରାଯିବ । ଅକ୍ଟୋବର ମାସ ପ୍ରଥମ ସପ୍ତାହ ପରେ ଯାତାୟତ ନିମନ୍ତେ ରାସ୍ତା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବ । ବର୍ତମାନ ଆବଶ୍ୟକ ପଡିଲେ ଜରୁରୀକାଳୀନ ସେବା ଗାଡି ପ୍ରଶାସନ ଏବଂ ପୁଲିସର ଅନୁମତିରେ ଚାଲିଲେ କୌଣସି ଅସୁବିଧା ନାହିଁ ବୋଲି କହିଛନ୍ତି ବିଭାଗୀୟ ଅଧିକାରୀ ।

## ନିଆରା ଢଙ୍ଗରେ ପାଳିତ ହେବ ପଡିଆବାହାଲ ଶାରଦୀୟ ଉତ୍ସବ



ସମ୍ବଲପୁର,୨୭/୯(ନି/ପ୍ର): ପଡିଆବାହାଲ ଶାରଦୀୟ ଉତ୍ସବ ୫୨ ବର୍ଷରେ ପହଚିଂଥିବା ବେଳେ ଚଳିତ ବର୍ଷ ନିଆରା ଢଙ୍ଗରେ ପାଳନ କରାଯିବ ମା' ଦେବୀ ଦୁର୍ଗା ଙ୍କ ଶାରଦୀୟ ଉତ୍ସବ । ସମ୍ପୂର୍ଣ୍ଣ ଅନୁକୂଳ ଭକ୍ତି ଭାବାବେଗରେ ଏହାକୁ ପାଳନ କରିବାକୁ କମିଟି ନିଷ୍ପତି ନେଇଛି । ପୂର୍ବ ବର୍ଷ ପରି ଅତ୍ୟାଧୁନିକ ଗୀତ ନାଚ ବା ରାମଲୀଳା କାର୍ଯ୍ୟକ୍ରମ ନକରି ଏକ ଭକ୍ତିପୂର୍ଣ୍ଣ ଅନୁକୂଳ ପରିବେଶରେ ସ୍ୱଚ୍ଛ, ନିର୍ମଳ ଓ ଶାନ୍ତି ଶୃଙ୍ଖଳା ସହିତ ଏହା ପାଳନ କରାଯିବାକୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଜିଲ୍ଲା ପ୍ରଶାସନର ନିବେଦନକୁ ଗ୍ରହଣ କରି ପୂର୍ବ ଢାଚାଂକୁ ବଦଳାଇ ଆଧାତ୍ମିକ ଓ ଭକ୍ତି ରସାମୃତ ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ସମଗ୍ର ଜିଲ୍ଲାରେ ଏକ ନିଆରା ଶାରଦୀୟ ଉତ୍ସବ ଭେଟି ଦେବାକୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଚିଂଛି । ଚଳିତ ବର୍ଷ ସମ୍ପୂର୍ଣ୍ଣ ବୈଦିକ ରୀତିନୀତି ଅନୁଯାଇ ମାଙ୍କ ପୂଜା ବିଧି କରାଯିବ । ପର୍ଯ୍ୟାୟକ୍ରମେ ମାଙ୍କ ମଙ୍ଗଳ ଆଳତୀ, ମହାସ୍ନାନ, ପୀଠ ପୂଜା, ପାର୍ଶ୍ୱ ଦେବଦେବୀ, ମୁଖ୍ୟ ଦେବୀ ,ଷୋଡଶ ଉପଚାର ପୂଜା, ଚଣ୍ଡିପାଠ, ହୋମ, ମହାଆଳତୀ, ଶୟନ ଆଳତୀ, ସନ୍ଧିପୂଜା, ଚଣ୍ଡିହୋମ, ଅପରାଜିତା ପୂଜା ଭଳି ପୂଜାବିଧି ହେବ । ଦିଲ୍ଲୀ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ସର୍ବଭାରତୀୟ ପୌରାହିତ୍ୟ କର୍ମକାଣ୍ଡରେ ସ୍ୱର୍ଣ୍ଣପଦକ ବିଜେତା ହୋଇଥିବା ଆଚାର୍ଯ୍ୟ ସୌମ୍ୟରଞ୍ଜନ ବଡ଼ପଣ୍ଡା ଦେବଶର୍ମା ମାଙ୍କ ପୂଜାବିଧି କାର୍ଯ୍ୟ ସମ୍ପାଦନା କରିବେ । ଜାତୀୟ ଶିକ୍ଷା ନୀତିରେ ପରିବର୍ତ୍ତନ ହୋଇଥିବାରୁ ବ୍ୟବସାୟିକ ସାଂସ୍କୃତିକ କାର୍ଯ୍ୟକ୍ରମରୁ ଦୁରେଇ ରହି ଜିଲ୍ଲା ସ୍ତରୀୟ ପ୍ରତିଭା ବିକାଶକୁ ଆଖି ଆଗରେ ରଖି ବିଭିନ୍ନ ସ୍କୁଲ, କଲେଜ, ମହାବିଦ୍ୟାଳୟ, ବିଭିନ୍ନ କ୍ଲବ ଓ ଗୋଷ୍ଠି ମାନଙ୍କ ସାମାଜିକ, ଆଧାତ୍ମିକ, ଦେଶ ଓ ମାତୃ ବନ୍ଦନା, ଓଡିଶୀ, ଦଶବତାର, ଲୋକ ସଂସ୍କୃତି, ଲୋକ ଗୀତ,ପାରମ୍ପରିକ ନୃତ୍ୟ ଗୀତ, ସାମାଜିକ ବାର୍ତ୍ତା ଭଳି କେବଳ ଗୋଟିଏ ମଚଂରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିପାଇଁ ସାଂସ୍କୃତିକ ସମ୍ପାଦକ ଝସକେତନ ନାଏକ ଓ ସଂଯୋଜକ ଡାକ୍ତର ରାଜାରାମ ଷଡ଼ଙ୍ଗୀଙ୍କ ସହିତ ଯୋଗାଯୋଗ କରିବାକୁ ପୂଜା କମିଟି ପକ୍ଷରୁ ସଭାପତି ହରିହର ନାୟକ ଓ ସମ୍ପାଦକ ଦେବାନନ୍ଦ ଭୁସାଗର ସୂଚନା ଦେଇଛନ୍ତି । ସମସ୍ତ ଅଂଶଗ୍ରହଣ କାରି ଦଳ ଓ କଳାକାରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ଓ ସିଲଡ଼ ପ୍ରଦାନ କରାଯାଇ ସମ୍ମାନିତ କରାଯିବା କାର୍ଯ୍ୟକ୍ରମ ରହିଛି । ଏହି ଶାରଦୀୟ ଉତ୍ସବକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱମନ୍ତ୍ରୀ ସୁରେଶ ପୁଝାରୀ, ଗ୍ରାମ୍ୟ ଉନ୍ନୟନ, ପଚାଂୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଆଇଜି ହିମାଂଶୁ କୁମାର ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଆରକ୍ଷୀ ଅଧିକାରୀ ମୁକେଶ କୁମାର ଭାମୁଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ନିମନ୍ତ୍ରଣ କରାଯାଇଛି ।ଚଳିତ ବର୍ଷ ସବୁ ଢାଚାଂ ପରିବର୍ତ୍ତନ ହୋଇଥିଲେ ମଧ୍ୟ ପୂର୍ବ ବର୍ଷ ମାନଙ୍କ ପରି ଦଶମୀ ତିଥିରେ ରାବଣପୋଡି କାର୍ଯ୍ୟକ୍ରମ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହେବ ।

## ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନି ନିରାପତା ତାଲିମ୍

ଜୟପୁର,୨୭/୯ :ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଓ ଘରୋଇ ଉଷା ହସପିଟାଲରେ ଅଗ୍ନି ନିରାପତା ଉପରେ ସମସ୍ତ କର୍ମଚାରି ଆଜି ତାଲିମ ନେଇଛନ୍ତି । ଜୟପୁର ଦମକଳ ବିଭାଗ ତରଫରୁ ତାଲିମ ଦିଆଯାଇଛି । ଏହି ତାଲିମ୍ କାର୍ଯ୍ୟକ୍ରମରେ ହସପିଟାଲ ଫାୟର ସେଫ୍ଟି ସୁପରଭାଇଜର ରମାକାନ୍ତ ପାଲ ଓ ଦମକଳ ବିଭାଗର ରେଞ୍ଜ ଅଫିସର ବିଚିତ୍ର କୁମାର ପଣ୍ଡା,ଏଏଫଓ ସୁରେଶ କୁମାର ବାରିକ ତାଲିମ ଦେଇଥିଲେ । ଅଗ୍ନିକାଣ୍ଡ ଘଟିଲେ କିପରି ମୁକାବିଲା କରାଯାଇ ପାରିବ ସେନେଇ ତାଲିମ ଦିଆଯାଇଥିଲା

